# ଅଧ୍ୟାୟ ୧୭

## ପାଠର ନାମ—ଉତ୍କଳମଣି

**ଗଠନକ୍ରମ**

୧୭.୦ ଉଦ୍ଦେଶ୍ୟ
୧୭.୧ ଉପକ୍ରମଣିକା
୧୭.୨ ମୂଳପାଠ
୧୭.୩ ମୂଳପାଠର ଦ୍ୱିତୀୟାଂଶ
୧୭.୪ ମୂଳପାଠର ଶେଷାଂଶ
୧୭.୫ ସାରାଂଶ
୧୭.୬ ଶବ୍ଦାର୍ଥ
୧୭.୭ ପଠନ ଅଭ୍ୟାସ
୧୭.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର
୧୭.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

## ୧୭.୦ ଉଦ୍ଦେଶ୍ୟ

ମହାପୁରୁଷମାନଙ୍କ ଜୀବନୀରୁ ଅନେକ କିଛି ଶିକ୍ଷା ମିଳିଥାଏ । ପ୍ରତିକୂଳ ପରିସ୍ଥିତିର ସେମାନେ କେମିତି ସମ୍ମୁଖୀନ ହୁଅନ୍ତି, ନିୟମିତ ସେମାନଙ୍କ ସହିତ ଚଳପ୍ରଚଳିତ ହେଉଥିବା ଲୋକମାନଙ୍କ ଦୃଷ୍ଟିରେ ସେମାନଙ୍କ ସ୍ଥାନ କେଉଁଠି, ଏଇ ସବୁରୁହିଁ ଜଣାପଡେ ମହାପୁରୁଷମାନେ ଅନ୍ୟ ପୁରୁଷଙ୍କଠାରୁ କେଉଁଭଳି ଭାବରେ ଭିନ୍ନ । ଉତ୍କଳମଣି ଗୋପବନ୍ଧୁ ଦାସ ହେଲେ ଏଭଳି ଜଣେ ମହାପୁରୁଷ, ଯାହାଙ୍କର ଦୈନନ୍ଦିନ ଜୀବନରୁ ବି ଆମମାନଙ୍କର ଅନେକ ଶିଖିବାର ଅଛି ।

## ୧୭.୧ ଉପକ୍ରମଣିକା

ଓଡ଼ିଶାର ବରପୁତ୍ର ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଶାରେ ଘରେ ଘରେ ପରିଚିତ । ଜନ୍ମ ୯ । ୧୦ । ୧୮୭୭ରେ, ତିରୋଧାନ ୧୭ । ୭ । ୧୯୨୮ରେ । ମାତ୍ର ୫୦ ବର୍ଷର ଜୀବନକାଳ, ସେଥିରୁ ପ୍ରଥମ ତିରିଶ ବର୍ଷ ବିତିଗଲା ଅଧ୍ୟୟନରେ, ଶେଷ ୨୦ ବର୍ଷର ଯେଉଁ ନିଃସ୍ୱାର୍ଥପର, ତ୍ୟାଗମୟ ଜୀବନ, ସେଇଥିରେ ହିଁ ସେ କାଳଜୟୀ ହୋଇଗଲେ । ତାଙ୍କ ଜୀବନର ଶେଷ ୧୮ ବର୍ଷର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ମିଳେ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ସାହିତ୍ୟିକ, ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତିଙ୍କ ଲିଖିତ ପୁସ୍ତକ "ଉତ୍କଳମଣି"ରୁ । ଗୋପୀବାବୁ ଏକ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି ଏହି ବହିଟି ଲେଖିବାରେ । ଗୋପବନ୍ଧୁଙ୍କ ପାଖରେ ଦୀର୍ଘ ଅଠର ବର୍ଷକାଳ ପରିଚାରକ ଭାବରେ କାମ କରିଥିବା ରାମଚନ୍ଦ୍ର ବାରିକ (ରାମା)ର ସ୍ମୃତି ଚାରଣକୁ ସେ କେବଳ ଭାଷା ଦେଇଛନ୍ତି । ସେଥିରେ ଶବ୍ଦ ଚାତୁରୀ ନାହିଁ କି କଳ୍ପନା ବିଳାସ ନାହିଁ । ଗୋପୀବାବୁ ରାମା ବାରିକର ସ୍ମୃତି ଚାରଣକୁ ଭିତ୍ତି କରିବାର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ଲେଖିଛନ୍ତି—

"କିନ୍ତୁ ମୁଁ ଖୋଜୁଥିଲି ସେହିପରି ଜଣେ କେହି ଯେ ଜଣେ ସାଧାରଣ ବ୍ୟକ୍ତି ହୋଇଥିବ ଓ ଘନିଷ୍ଠ ଭାବରେ ତାଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବ, ଦେଖିଥିବ, ଜାଣିଥିବ ଯେ ପଣ୍ଡିତ ଗୋପବନ୍ଧୁ ଦାସ କେମିତି ଚଳୁଥିଲେ, କ'ଣ ଖାଉଥିଲେ, ସକାଳୁ ସଞ୍ଜଯାକେ କଣ କରୁଥିଲେ, କଣ କହୁଥିଲେ, କେଉଁ ଗଣ୍ଡ ମଫସଲରେ ବୁଲୁ ବୁଲୁ କଣ କରୁଥିଲେ । ଏପରି ଯାହାକୁ ଜଗତ ଚିହ୍ନି ସାରିଛି ମହାତ୍ମା ବୋଲି, ସେ ନିଜ ନିତିଦିନିଆ ଜୀବନରେ ଦିଶନ୍ତି କିପରି, କରନ୍ତି କଣ ?..................ଦୈବୀ ଯୋଗକୁ ସେପରି ଜଣକୁ ମୁଁ ପାଇଗଲି, ସେ ଶ୍ରୀ ରାମ ବାରିକ, ପିତା—ନାଥ ବାରିକ, ଜାତି—ଭଣ୍ଡାରି, ଘର—ସତ୍ୟବାଦୀଠାରୁ ମାଇଲିଏ ଦୂର ବନପୁର..............................."

ରାମ ବାରିକ ନିଜ ସମ୍ପର୍କରେ ଏବଂ ବହିଟି ସମ୍ପର୍କରେ କହନ୍ତି "ମୁଁ ଜଣେ ନଗଣ୍ୟ ମଣିଷ, ଏ ଦେଶର ଲକ୍ଷ ଲକ୍ଷ ଖଟିଖିଆ ମୂରୁଖଙ୍କ ଭିତରୁ ଜଣେ । ମୋ ଜୀବନ ତୁଚ୍ଛ । ମୋ ଦେଖିଥିବା ଜାଣିଥିବା କଥା ଦିନେ କବି କଲମରେ ଜୀବନ ପାଇବ ଏ କଳ୍ପନା ମୋର କେବେ ନଥିଲା । ଏ ବହିଟି ପଢ଼ି ମତେ ଲାଗୁଛି ଯେମିତି ମୋର ଖାଉଁଦ ମୋର ଗୁରୁ, ସବୁ ଗରିବ ଗୁରୁବା ମଳିମୁଣ୍ଡିଆଙ୍କ ବାପ ମଣିଷ ଦେହଧରି ଜନ୍ମ ହୋଇଥିବା ଦେବତା ଆଗପରି ମୋ ସାମନାରେ ଆସି ଠିଆ ହୋଇ ଯାଇଛନ୍ତି, କହୁଛନ୍ତି ରାମା, ଭଲ ଅଛୁ ? ଖାଇଲୁଣି କି ନାହିଁ ?"

ସେଇ "ଉତ୍କଳମଣି" ବହିର ଶେଷ ବାରଟି ଅଧ୍ୟାୟ (୨୬ରୁ ୩୫) ଏହି ପ୍ରବନ୍ଧର ବିଷୟବସ୍ତୁ । ଏଥିରେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର କିଛି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳେ । ପ୍ରାକ୍‌ସ୍ୱାଧୀନତା ସମୟର ଓଡ଼ିଶା ଏବଂ କଲିକତାରେ ରହୁଥିବା ଓଡ଼ିଆଙ୍କ ଅବସ୍ଥାର ମଧ୍ୟ ବେଶ୍ ହୃଦୟସ୍ପର୍ଶୀ ବର୍ଣ୍ଣନା ରହିଅଛି ।

ପ୍ରବନ୍ଧଟିର ସାରାଂଶ ମଧ୍ୟ ପଛରେ ଦିଆଯାଇଛି । ପ୍ରବନ୍ଧଟି ପଢ଼ନ୍ତୁ ଏବଂ ପ୍ରଶ୍ନଗୁଡ଼ିକର ଉତ୍ତର କରନ୍ତୁ ।

## ୧୬.୨ ମୂଳପାଠର ପ୍ରଥମ ଭାଗ

ଦାସେଆପଣେ କଲିକତା ଗଲେ କେତୋଟି ଜାଗାରେ ରହୁଥିଲେ । ଉତ୍କଳ-ନିବାସ, ନହେଲେ ଓଡ଼ିଆ ପିଲେ ରହୁଥିବା ବି. ଏଲ୍. ମେସ୍ । ଅନେକ ସମୟରେ ନେତାଜୀ ସୁଭାଷ ବୋଷଙ୍କ କଲିକତା ଘରେ । ଶାନ୍ତିନିକେତନ୍ ଗଲେ ରବିଠାକୁରଙ୍କ ପାଖେ ବି ରହନ୍ତି ।

ଦିନେ ଆମେ ହାର୍ଡିଂଜ୍ ହସ୍‌ପିଟାଲକୁ ଯାଇଥିଲୁଁ । ସେଠି ସେତେବେଳେ ମକୁବାବୁ (ଡକ୍ଟର ବାଳମୁକୁନ୍ଦ ନାଏକ) ହେରିକା ପଢୁଥିଲେ । ସେଠୁ ଫେରୁଥିଲୁଁ ଗାଭିନ୍-କାରଖାନାକୁ । ଆଗେ ଜଣେ ଗାଭିନ୍ ସାହାବ ବୋଲି ଥିଲେ ଯେ ସେଇ ବାହାର କରିଥିଲେ ଜର ଔଷଧ ଜର୍ମଲିନ୍, ସେହି ଯେଉଁ କାନ୍ଥରେ ବାଡ଼ରେ ଲେଖାହୁଏ କଣ ନା "ଜାରମଲିନ ଜରର ଯମ" । ଗାଭିନ୍‌ଙ୍କ ପାଖରେ ଯାଜପୁରର ଜଣେ କରଣ ଚାକିରି କରୁଥିଲେ, ସାହାବ ବିଲାତ ପଳାଇଲେ, ତା ଆଗରୁ ତାଙ୍କୁ ତାଙ୍କ ଗାଭିନ୍-କାରଖାନା ଦେଇ ଦେଇଗଲେ ।

ଦାସେଆପଣଙ୍କ ସଙ୍ଗରେ ମୁଁ ସେଠିକି ଯାଉଥାଏଁ । ଦାସେଆପଣେ ତ କଲିକତା ଗଲେ ଖୋଜି ଖୋଜି ବୁଲନ୍ତି ଓଡ଼ିଆପିଲା କେଉଁଠି ରହିଲେ, ସେଇଟା ତାଙ୍କର ସବୁଥର ଗୋଟିଏ ପ୍ରଧାନ କାମ । ସେ କହନ୍ତି, "ଆହା, କେତେ ଟଙ୍କାପଇସା ସାରୁଛନ୍ତି । କେତେ ଦୂରରୁ ଆସୁଛନ୍ତି, କେମିତି ରହିଲେ ଦେଖିବା ଦରକାର ।"

କିନ୍ତୁ ସେଦିନ ଗାଭିନ୍ କାରଖାନା ଯାଉ ଯାଉ ବାଟରେ ଆଖିରେ ପଡ଼ିଗଲା ଆଉ ଗୋଟିଏ ଦୃଶ୍ୟ । ଗୋଟିଏ ଜାଗାରେ ଖଣ୍ଡିଏ ଅନ୍ଧାର ବିଲିବିଲି ବଖରା, ସେଥିରେ ରହିଛନ୍ତି ଦଶବାରଜଣ ଓଡ଼ିଆ । ସେଇ ଏକା ବଖରାରେ ସମସ୍ତେ ରାନ୍ଧୁଛନ୍ତି, ଖାଉଛନ୍ତି, ରହୁଛନ୍ତି, ବାରଣ୍ଡାରେ ଶୋଉଛନ୍ତି । ଦେଖି ପକାଇ ସେ ଭେ ଭେ କାନ୍ଦିଲେ । କହିଲେ, "ଆହା, କେତେ କଷ୍ଟରେ ଅଛନ୍ତି !"

ସେମାନଙ୍କୁ ପଚାରିଲେ, "ତୁମେ ଯେଉଁମାନେ କଲିକତାରେ କାମ କରୁଛ, ତୁମେ ସମସ୍ତେ ଏକାଠି ମିଶ କି ନ ମିଶ ?"

ସେମାନେ କହିଲେ, "ଆମେ ଏମିତି କୋଉଠି ଦଶ ପାଞ୍ଚଜଣ ହୋଇ ରହୁଁ । କେବେ କଦବା ଏକାଠି ହେଉଁ ।"

ସେ ପଚାରିଲେ, "କାହାର ଦେହମୁଣ୍ଡ ହେଲେ ଯାଇ ପଚର ଉଚର କର ?"

ସେମାନେ ତୁନି ରହିଲେ ।

ସେ କହିଲେ, "ଯାଅ, ଭାଇମାନଙ୍କୁ କହ, ସମସ୍ତେ ଆଜି ସଞ୍ଜରେ କେଉଁଠି ଏକାଠି ହୁଅନ୍ତୁ । ମୁଁ ସେଠିକି ତୁମ ପାଖକୁ ଆସିବି ।"

ସେଦିନ ସଞ୍ଜବୁଡେ, ଠାଏ ଗୋଟାଏ ଛକ ପାଖରେ ମେଲା ଜାଗାରେ ବହୁତ ଓଡ଼ିଆ ଶ୍ରମିକ ରୁଣ୍ଡ ହେଲେ, ତଳେ ବସିଲେ, ଦାସେଆପଣେ ସେଠି ପହଞ୍ଚିଲେ । ନାନା ସୁଖଦୁଃଖ ପଡ଼ିଗଲା । ସେମାନଙ୍କୁ ସେ ବହୁତ କଥା ବୁଝାଇଲେ, ବୁଦ୍ଧି ହେମନ୍ତ ଦେଲେ । ସେଇଠି କହିଲେ—

''ଏକତା ରଖ, ତା'ର ଦେହପା' ଖରାପ ହେଲେ ତୁମେ ଦେଖ, ତୁମର ଦେହପା ଖରାପ ହେଲେ ସେ ଦେଖୁ । ଅନ୍ୟମାନଙ୍କୁ ଡରୁଛ କାହିଁକି ? ତାଙ୍କ ସଙ୍ଗରେ ମିଶ ।''

ତେଣିକି ସେ କଲିକତା ଗଲେ ସେହିପରି ଓଡ଼ିଆ ଶ୍ରମିକଙ୍କୁ ମେଳାଇ ତାଙ୍କ ଦୁଃଖସୁଖ ବୁଝନ୍ତି । ତହିଁରେ ସେଠି ଓଡିଆଙ୍କ ଭିତରେ ମେଣ୍ଟ ବଢ଼ିଲା । ତାଙ୍କ ଆଶା ତେଜିଲା ।

ତାପରେ ନନ୍‌କୋଅପରେସନ୍ ଆନ୍ଦୋଳନରେ ସେ ଯୋଗଦେଲେ । ୧୯୨୧ ସାଲ, ଦଶହରା ଆଗରୁ ବିଲାତିଲୁଗା ବର୍ଜନ ପ୍ରଚାର କରିବାକୁ ସେ କଲିକତା ଯାଇଥିଲେ । ମୁଁ ବି ଯାଇଥିଲି । ଯେ ଘଟଣା ତାଙ୍କର ଜେଲଯିବା ଆଗରୁ । କଲିକତାରେ 'ବିଲାତି ପଟି' ବୋଲି ବିଲାତିଲୁଗା ବିକ୍ରି ପାଇଁ ଗୋଟାଏ ପେଣ୍ଠ ଥାଏ, ଗୁଦାମ ଦୋକାନ । ମାରୁଆଡ଼ିମାନେ ତା ମାଲିକ । ପଣ୍ଡିତ ଗୋପବନ୍ଧୁ ସେମାନଙ୍କୁ କହିଲେ, ''ଆଉ ବିଲାତିଲୁଗା ଆଣନାହିଁ ।''

ସେମାନେ ତାଙ୍କ କଥାରେ କାନ ଦେଲେନାହିଁ ।

ସେଇଠୁ ସେ ଓଡ଼ିଆ ଶ୍ରମିକଙ୍କୁ କହିଲେ, ''ତୁମେ ଜାହାଜରୁ ବିଲାତିଲୁଗା ଓହ୍ଲାଇ ମାରୁଆଡ଼ିଙ୍କ ଗୋଦାମକୁ ବୋହି ଆଣୁଚ, ଆଉ ଆଣନାହିଁ, ବନ୍ଦ କର ।''

ସେମାନେ ମାରୁଆଡ଼ିଙ୍କ ପାଇଁ ଆଉ ବିଲାତିଲୁଗା ଜାହାଜରୁ ବୋହିଲେ ନାହିଁ । ବେପାରୀ ପ୍ରତିଶୋଧ ନେଲେ । କେତେଜଣ ମଜୁରିଆଙ୍କୁ ପାଞ୍ଚଆଇନରେ ପକାଇ ଜେଲ ଦିଆଇଲେ । ସାତ ଦିନ ସେମାନେ ଜେଲରେ ରହିଲେ ।

ତଥାପି ଓଡିଆ ଶ୍ରମିକ ଜାହାଜରୁ ଲୁଗାଗଣ୍ଠିଲି ଉଠାଇଲେ ନାହିଁ, କାରଖାନାରେ କାମ କଲେ ନାହିଁ, କଳକାରଖାନା ଚଳିଲା ନାହିଁ, ଆଲୁଅ ଜଳିଲା ନାହିଁ, ଘରକାମ ବନ୍ଦ, କାରବାର ବନ୍ଦ । ହେଉପଛେ ତାଙ୍କ ରୋଜଗାର ବି ବନ୍ଦ । ଘୋର ଉତ୍ତେଜନା ଖେଳୁଥାଏ । କଲିକତାରେ 'ଚହଳ ପଡ଼ିଥାଏ ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆଙ୍କ ରାଜା ।' ରାଜା ଅର୍ଡର ଦେଇଚି, ତେଣୁ ସେମାନେ ଜାହାଜରୁ ବିଲାତିଲୁଗା ଓହ୍ଲାଉ ନାହାନ୍ତି । କଲିକତା ବୁଝିବାକୁ ଆରମ୍ଭ କରିଥାଏ ଓଡିଆ ଶ୍ରମିକର ଶକ୍ତି କେତେ, ସେ ଏକଜୁଟ ହେଲେ କଣ କରିପାରେ ।

ଶ୍ରମିକଙ୍କ ଭିତରେ ବିପୁଳ ଉତ୍ସାହ ଖେଳି ଯାଇଥାଏ । ଭଲଣ୍ଟିଅର ସଂଗ୍ରହ ଚାଲିଥାଏ । ଯେ ଆନ୍ଦୋଳନରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ମଧ୍ୟ ସାହାଯ୍ୟ କରୁଥାନ୍ତି । ପଣ୍ଡିତ ଗୋପବନ୍ଧୁ ନିଷ୍ପତ୍ତି କଲେ, ଜେଲ ଯାଇଥିବା ଶ୍ରମିକମାନେ ଯେମିତି ଜେଲରୁ ଖଲାସ ହେବେ, ସେମିତି ସେମାନଙ୍କୁ ଗଙ୍ଗାର ଜଗନ୍ନାଥ ଘାଟକୁ ପ୍ରାୟଶ୍ଚିତ୍ତ କରାଇବାକୁ ନିଆଯିବ ।

ସେ ଦିନ ଆସିଲା । ଲୋକେ ଏକ ସପ୍ତାହ ପରେ ଜେଲରୁ ଖଲାସ ହେଲେ । ତାପରେ ଜଗନ୍ନାଥ ଘାଟକୁ ନିଆଯିବେ । କଲିକତା ସହରରେ ହୁଲସ୍ଥୁଲ ପଡିଯାଇଥାଏ । ବଡବଜାରରେ ସତୁରୀ ହଜାର ଲୋକଙ୍କ ସମାଗମ । ସରକାରଙ୍କ ତରଫରୁ କଟକଣା ହୋଇ ସବୁ ଯାନବାହାନ ବନ୍ଦ । ବାଟର ଦି କଡରେ ଦୁଇଧାଡ଼ି ହୋଇ ପାଞ୍ଚଶହ ଘୋଡ଼ାସବାର ଆର୍ମଡ଼ ପୋଲିସ ଠିଆ ହୋଇଥାନ୍ତି ।

ସେତେବେଳେ ପଣ୍ଡିତ ଗୋପବନ୍ଧୁ ଲୋକଙ୍କୁ ବୁଝାଉଥାନ୍ତି, ''ଭାଇମାନେ ! ଦେଖ ସରକାରଙ୍କ ନୀତି । ଯାକୁ ରହିଁ ଧୀରସ୍ଥିର ଭାବରେ କାର୍ଯ୍ୟ କର । ବିଚଳିତ ହୁଅ ନାହିଁ ।''

ଲୋକେ ମଧ୍ୟ ଧୀରସ୍ଥିର ହୋଇ ଠିଆ ହୋଇଥାନ୍ତି । ଟିକିଏ କେଉଁଠି ବିଶୃଙ୍ଖଳା ନାହିଁ । ଲୋକେ ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁ ଦାସଙ୍କ ନାଁ ଧରି ଧ୍ୱନି ଦେଉଥାନ୍ତି ।

ବାହାରିଥିଲେ ସକାଳ ୮ଟା ବେଳେ । ଘାଟରେ ଲୋକଙ୍କୁ ଖିଅର କରାଇ ନୂଆ ଲୁଗା ପିନ୍ଧାଇ ଲେଉଟାଇ ଆଣିଲା ବେଳକୁ ୨ଟା ବାଜିଥିଲା ।

ତାପରେ 'ହାଲିଡେ ପାର୍କ'ରେ ମିଟିଂ ହେଲା । କଲିକତାରେ ଓଡ଼ିଆ ଅଫିସ୍ କରିବା ନିଷ୍ପତ୍ତି ହେଲା ଓ ଭବାନୀପୁରରେ ସେ ଅଫିସ ଖୋଲାହେଲା । କଲିକତାରେ ଥିବା ଓଡିଆଙ୍କର ଗୋଟିଏ ଜନ-ଗଣନା (ସେନ୍‌ସସ୍) କରାଯିବାକୁ ନିଷ୍ପତ୍ତି ହେଲା । ମୁଣ୍ଡ ଗଣତିରେ ସେମାନେ ହେଲେ ଦେଢ଼ଲକ୍ଷ । ପ୍ରତି ଶନିବାର ଦିନ ପ୍ରତ୍ୟେକ ଶ୍ରମିକ ଓଡ଼ିଆ ଶ୍ରମିକ ସଂଘ ପାଇଁ ପଇସାଟିଏ ଦେବେ । ସେଇଥିରେ ଅଫିସ ଚାଲିଲା । ଲୋକଙ୍କ ଭଲମନ୍ଦ ବୁଝାଗଲା ।

ମାଡ଼୍ଆଲି ଆସୋସିଏସନର ପ୍ରତିନିଧି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଭେଟିଲେ । ଲୋକେ ତାଙ୍କ ପାଖେ ୬/୭ ଦିନ ରହିଯିବାରୁ ତାଙ୍କର ସବୁ ବେଉସା ବନ୍ଦ । ସେମାନେ ଲକ୍ଷେ ଟଙ୍କା ଯାଚିଲେ । ପଣ୍ଡିତ

ଗୋପବନ୍ଧୁ ସେମାନଙ୍କୁ ବୁଝାଇଲେ, "ମତେ ଲେଖିଦିଅ ବିଲାତିଲୁଗା ଆଉ ଆମଦାନୀ କରିବ ନାହିଁ।" ସେମାନେ ସେଇଆ କଲେ ।

ସବୁବେଳେ ମୋ ଓଡ଼ିଆଜାତି ! ମୋ ଦେଶ ! ତାଙ୍କ ଆଖିରେ ତାର ମାଟିଗୋଡ଼ି ଗଛବୁରୁଛ, ମନିଷ, ଅନୁଷ୍ଠାନ, ସବୁ ପବିତ୍ର । ଓଡ଼ିଆ ଭାଷା, ଓଡିଶାର ଇତିହାସ, ଓଡିଶା ଦେଉଳର କାରିଗରି, ଓଡିଆର ଶିଳ୍ପକଳା, ଓଡ଼ିଆ ଗାଁର ଜୀବନ, ଘରକରଣା, ସଣ୍ଟଣା, ମର୍ଯ୍ୟାଦା, ଓଡ଼ିଆ ଚଳଣିରେ ନୀତି, ମାନମହତ, ଯେତେ ଭଲଗୁଣ ସବୁ ତାଙ୍କର ପ୍ରିୟ, ସବୁଥିରେ ସେ ଆଗ୍ରହୀ ।

ସେଥିପାଇଁ ଖଣ୍ଡାୟତମାନଙ୍କୁ ସେ ବିଶେଷ ଶ୍ରଦ୍ଧା କରୁଥିଲେ । ମୁଁ ଶୁଣିଛି ସେ କହନ୍ତି, "ଏଇମାନେ ଆମ ଦେଶର ଯୋଦ୍ଧା, ଏଇମାନେ ଆମ ଦେଶକୁ ରକ୍ଷା କରିଥିଲେ । ବ୍ରହ୍ମଗିରି ଆଡ଼େ ଗଲେ ରେଡ଼ଙ୍ଗର ବକ୍ସିଙ୍କ ବଂଶର ଲୋକଙ୍କୁ, ଖୋର୍ଦ୍ଧା ଗଲେ ସେ ଅଞ୍ଚଳର ଖଣ୍ଡାଏତମାନଙ୍କୁ ସେ ବହୁତ ଖାତିରି କରନ୍ତି । ପୁରୀ ଜିଲ୍ଲା ଆନ୍ଧିକିହଣା ଗାଁରେ ଥିଲେ କୁଳମଣି ରାୟ, ସେ ମର୍ଦ୍ଦରାଜ ରାୟ ଓ ଉତ୍କଳଭୀମ ପଦ୍ମଚରଣ ରାୟଙ୍କ ବାପା । ସେ ଅନେକ ସମୟରେ ଦାସେଆପଣେଙ୍କ ପାଖରେ ଆସି ବସନ୍ତି । ଦାସେ-ଆପଣେ ତାଙ୍କୁ ଭାରି ସୁଖ ପାଉଥିଲେ ।

**୧୭.୨.୧ ମୂଳପାଠର ପ୍ରଥମଭାଗ ଉପରେ ପ୍ରଶ୍ନାବଳୀ**

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୧୦୦ଟି ଶବ୍ଦ ମଧ୍ୟରେ ଦିଅନ୍ତୁ ।

(କ) ଗୋପବନ୍ଧୁଙ୍କ ନେତୃତ୍ୱରେ କିପରି କଲିକତାରେ ବିଦେଶୀ ଲୁଗା ବର୍ଜନ ଆନ୍ଦୋଳନ ସଫଳ ହୋଇଥିଲା ।

(ଖ) କଲିକତାରେ ରହୁଥିବା ଓଡ଼ିଆମାନଙ୍କୁ ଦାସେ ଆପଣେ କିପରି ଏକଜୁଟ କରି ପାରିଥିଲେ ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ଭିନ୍ନ ଭିନ୍ନ ଅର୍ଥ ଲେଖନ୍ତୁ—

ନଳିନୀ, ଅର୍ଥ, କର, ପାଣି ।

## ୧୭.୩ ମୂଳପାଠର ଦ୍ୱିତୀୟାଂଶ

୧୯୧୯ ଶୀତଦିନ । ନାଗପୁର କଂଗ୍ରେସ ଅଧିବେଶନ ମୋର ମନେ ଅଛି । ଦାସେ ଆପଣେ ଥିଲେ ବିହାର-ଓଡ଼ିଶା କାଉନ୍‌ସିଲର ସଭ୍ୟ । ଓଡିଶାରୁ ତାଙ୍କ ସମେତ ଅତି ଅଳ୍ପ ଲୋକେ ଯାଇଥିଲେ । ନାଗପୁର କଂଗ୍ରେସରେ ହୋଇଥିଲେ ସତୁରୀ ହଜାର ଲୋକ । ବଙ୍ଗଳାରୁ ସି. ଆର୍. ଦାସ ଯାଇଥିଲେ, ସେ ଗୋଟିଏ ସ୍ୱତନ୍ତ୍ର ରେଳଗାଡି ନେଇଥିଲେ, ଦେଖିଲାଭଳି କଥା । ସେଥିରେ ବଙ୍ଗଳାର ଡେଲିଗେଟ୍-ମାନେ ଯାଇଥିଲେ । ବାଉଁଶ ତଲେଇରେ ସାନ ସାନ ଘରମାନ ହୋଇଥିଲା । ସେଥିରେ ଇଲେକ୍‌ଟ୍ରିକ୍ ଆଲୁଅ ଖଞ୍ଜା ହୋଇଥିଲା । ନଈରୁ ପମ୍ପ କରି ପାଣି ଉଠାଇ ପ୍ରତି ଘରେ ଗରମ ପାଣି ଯୋଗାଇ ଦିଆ ହେଉଥାଏ । ସବୁ ଡେଲିଗେଟ୍‌ମାନଙ୍କ ପାଇଁ ଏକାଠି ରୋଷେଇ ହୁଏ । ଏକା ଜାଗାରେ ଖାଇବା ବନ୍ଦୋ-ବସ୍ତ । ଭଲେଣ୍ଟିୟରମାନେ ଥାଆନ୍ତି, ଖୋଜି ନେଇଯାଆନ୍ତି, ବନ୍ଦୋବସ୍ତ ଭାରି ଭଲ । ଏତେ ବଡ଼ ଶୀତ, ଦାସେ ଆପଣେ ବ୍ୟବହାର କରୁଥିଲେ ଖଦଡ଼ ଲୁଗା, ଗରମ ଓଭର କୋଟ୍, କମ୍ବଳ, ଏତିକି ।

ନାଗପୁର କଂଗ୍ରେସ—ସେଠି ଥିଲେ ମହାତ୍ମା ଗାନ୍ଧୀ, ଆଉ ସେଠି ଏକାଠି ହୋଇଥିଲା ଭାରତ ବର୍ଷ । ସେ ଭାରତ ସ୍ୱରାଜ ଖୋଜୁଥିଲା—ଆଗ ବିଦେଶୀ ଶାସନରୁ ମୁକ୍ତି, ଆଗ ସ୍ୱାଧୀନତା । କେଉଁ ଅଞ୍ଚଳ କି ପ୍ରଦେଶ କି ଭାଷାଭାଷୀଙ୍କ ସ୍ୱାର୍ଥ—ସେ ସବୁ ପଛେ ।

୧୯୨୦ରେ ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ସେହି କଥା ତ କହିଲେ ପଣ୍ଡିତ ଗୋପବନ୍ଧୁ ଦାସ, ବେଶି ଲୋକେ ସେହି କଥାରେ ରାଜି ହେଲେ, ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ବଦଳାଇ ରଖା-ଗଲା—ଓଡ଼ିଆଭାଷୀ ଦେଶମିଶ୍ରଣ ପରିବର୍ତ୍ତେ ଭାରତର ସ୍ୱାଧୀନତାପ୍ରାପ୍ତି ।

୧୯୨୦ ଦଶହରା ସରିକି ସେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଦେଲେ । ତାପରେ ଘଟଣାମାନ ଜଲଦି ଘଟିବାକୁ ଲାଗିଲା । ୧୯୨୧ରେ ଓଡିଶାକୁ ଅଇଲେ ମହାତ୍ମାଜୀ । ସତ୍ୟବାଦୀ ଗଲେ, ସେ ଓ ଦାସେଆପଣେ ଏକାଠି ଗୋଟିଏ ଘରେ ରହିଲେ । ଥରେ ମହାତ୍ମା ଖିଅର ହେବା ଦରକାର ପଡିଲା । ଦାସେ ଆପଣେ ମତେ ପଚାରିଲେ, କାହାକୁ ଡାକିବା ? ସେତେବେଳେ ଅଳଙ୍ଗ ଗାଁର ଭିକାରିଆ ବୋଲି ଜଣେ ଭଣ୍ଡାରି ବୋଡିଂରେ ଖିଅର କରୁଥାଏ, ତାକୁ ହିଁ ଅଣାଗଲା ।

ମହାତ୍ମା ଆସିଛନ୍ତି, ଦେଶଯାକରେ ଆନନ୍ଦର ଜୁଆର ଖେଳୁଥାଏ, ତାଙ୍କୁ ଦେଖିବାକୁ ଚାରିଆଡ଼ୁ ଧାର ଛୁଟୁଥାଏ । ସତ୍ୟବାଦୀ ସ୍କୁଲ ପାଖରେ, ସ୍କୁଲରୁ ରେଳକୁ ଯାଉ ଯାଉ ଡାହାଣହାତି ଗୋଟିଏ ପଡ଼ିଆ ଅଛି । ମହାତ୍ମାଜୀଙ୍କ ସଭା ସେଇଠି ହେଲା । ସେତେବେଳେ ମାଇକ୍ ଲାଉଡ୍‌ସ୍ପିକର ନୂଆ ନୂଆ ବାହାରିଥାଏ, ମହାତ୍ମାଜୀ ସେଇଥିରେ କଥା କହୁଥାନ୍ତି । ଶୁଣିବା କଥା ଦୂରେ ଥାଉ, ମହାତ୍ମାଜୀଙ୍କୁ ମୁଣ୍ଡିଆ ମାରିବା ହୋଇଥାଏ ବଡ କାମ । କୁଆଡ଼ୁ କୁଆଡ଼ୁ ଜନ୍ଦା ପିମ୍ପୁଡି ପରି ଲୋକେ ସ୍ତ୍ରୀ-ପୁରୁଷ, ବୁଢ଼ା, ପିଲା ସମସ୍ତେ ।

ମହାତ୍ମା ସତ୍ୟବାଦୀରେ ୨ ଦିନ ରହି ତା ପରେ ପୁରୀ ଗଲେ ।

ପୁରୀରେ ମହାତ୍ମା ରହିଲେ ଢେଙ୍କାନାଳ ରଜା କୋଠିରେ । ତାଙ୍କ ପାଇଁ ସେହି ଘର ବନ୍ଦୋବସ୍ତ ହୋଇଥାଏ । ଚାରିପଟେ ଜଙ୍ଗଲ, ବାଲିଯାକ ନାଗଫେଣିଆ କଣ୍ଟାର ବଣ । ଭିତରେ ମହାତ୍ମା ।

ମହାତ୍ମାଜୀ ଓଡ଼ିଶା ଗସ୍ତ ସାରି ଗଲେ ।

ତା ପରେ ଓଡ଼ିଶାର ନୟନପିତୁଳି, ଦୁଃଖୀ ଦରିଦ୍ର ଶୋଷିତ ନିଷ୍ପେଷିତ ନାଁ ଗାଁ ଜଣାନାହିଁ ମଳିମୁଣ୍ଡିଆ ନୁଖୁରା ମୁଣ୍ଡିଆଙ୍କର ସାହା ଭରସା, ଆପଣାର ମଣିଷ ତାଙ୍କ ପାଇଁ କାନ୍ଦିବା ମଣିଷ କାମ କରିବା ମଣିଷ ଗୋପବନ୍ଧୁ ଦାସଙ୍କୁ ବସୁଧା, ମା କୋଳରେ ଧରି ପାରିଲା, ମୋଟେ ସାତଟି ବରଷ ସାତୋଟି ବରଷ ଆଉ ନାହିଁ । ସେହି ସାତଟି ଶରତ୍ ସାତଟି ଗ୍ରୀଷ୍ମ ସେତିକି ।

ତାହାରି ଭିତରେ ଉଲୁରି ଲାଗିଲା ପରି ଲାଗି ରହିଥାଏ ଦେଶ କାମ, କଂଗ୍ରେସ କାମ, ଆଜି ଏଠି, କାଲି ସେଠି, କେଉଁ ଦୂର ଦୂରନ୍ତରେ, କେତେ ସହର କେତେ ଗାଁ ଗଣ୍ଡା, ଘରେ ଘରେ ପ୍ରଚାର, ହାଟରେ ବାଟରେ ସଭା, ଯେଠି ହଜାର ହଜାର ମଣିଷ, କେତେ ଲେଖା, କେତେ ବକ୍ତୃତା, କେତେ ଅନୁଷ୍ଠାନ ଗଢ଼ା, ମଣିଷ ଗଢ଼ା । ଓଡ଼ିଶା ମାଟିରେ ଜାତୀୟ କଂଗ୍ରେସ—ବୋଧିଦ୍ରୁମର ଶାଖା ସେହି ପୋତିଗଲେ, ତାକୁ ପରିପୁଷ୍ଟ କଲେ, ରଖିଦେଇ ଗଲେ । ତାଙ୍କର ଆଦର୍ଶ ଥିଲା ପ୍ରଗାଢ଼ ସ୍ୱଦେଶପ୍ରୀତି । ଦେଶ ଭାଇଭଉଣୀଙ୍କ ହିତ ପାଇଁ ଜୀବନମୂର୍ଚ୍ଛା ତ୍ୟାଗ ଓ ସେବାର ପରାକାଷ୍ଠା ବିଚାର ଓ ଆଚାର ଭିତରେ ଏକତା, ନିଡରୁଆ ସତ୍‌ସାହସର ଦୃଷ୍ଟାନ୍ତ, ଆଉ ଅକ୍ଳାନ୍ତ ପରିଶ୍ରମ । ତାଙ୍କର ଆଦର୍ଶ ଥିଲା ସତ୍ୟ ଓ ଅହିଂସାରେ ଜୀବନ ବଞ୍ଚିବା, ନୀତି ଆଦର୍ଶର ଟେକ ରଖିବା, ସାଧାରଣ ମଣିଷକୁ ପଚାରିବା, ଶ୍ରଦ୍ଧା କରିବା, ମର୍ଯ୍ୟାଦା ଦେବା ଅନ୍ୟାନ୍ୟ, ଅନୀତି, ଅବିଚାର ବିରୁଦ୍ଧରେ ପ୍ରାଣପଣେ ଲଢ଼ିବା, ଜନମତ ତିଆରି କରିବା । ନିଜ ପାଇଁ କିଛି ନାହିଁ, ଦେଶ ପାଇଁ ସବୁ । ଏଇଆ ଥିଲା ସେ କାଳରେ ସେ ଜନନାୟକଙ୍କ ପନ୍ଥା ।

ସେହି ୧୯୨୧ । ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଶାବାସୀଙ୍କୁ ଡାକିଥିଲେ ଜାତୀୟ ମୁକ୍ତି ସଂଗ୍ରାମରେ ଆଗୁଆ ହୋଇ ଧାଇଁ ଆସିବାକୁ । ଦେଶବାସୀ ସେ ଡାକରେ ମାତି ଉଠିଥିଲେ, ସ୍ୱଦେଶୀ ଚାଲିଲା, ବିଲାତି ପୋଡାହେଲା, ଘରେ ଘରେ ଅରଟ ଚାଲିଲା । ଲୋକେ କଚିରି ଛାଡିଲେ, ଚାକିରୀ ଛାଡିଲେ, ଇସ୍କୁଲ ଛାଡ଼ିଲେ, ଜେଲରେ ପଶିଲେ । ଦେଶବ୍ୟାପୀ ଉତ୍ସାହ ଉନ୍ମାଦନା ଖେଳିଗଲା । ସେ କାହାଣୀ ଗାଉଥିବ ଇତିହାସ । "ମହାତ୍ମାଗାନ୍ଧିଜୀ ଜୟ !" "ପଣ୍ଡିତ ଗୋପବନ୍ଧୁ ଦାସକୀ ଜୟ !" ସ୍ୱରାଜ୍ ଆସୁଛି । ଇଂରେଜ ଯିବେ । ଚାରିଆଡେ ସଭାସମିତି ଆଲୋଚନା, ବିରାଟ ବିରାଟ ପଟୁଆର । କୁଆଡ଼ୁ କୁଆଡ଼ୁ ଘରୁ ବାହାରି ଆସୁଛନ୍ତି ଆବାଳବୃଦ୍ଧବନିତା । ବ୍ରିଟିଶ ସରକାରଙ୍କ ନିର୍ମମ ତତ୍ପରତା ! ଲାଠିମାଡ, ଧରପଗଡ, ଘରପୋଡ଼ି, ଜେଲ୍, କଚିରି ବିଚାର ଯେତେ ଦମନ, ତହୁଁ ବଳି ବଳି ଉତ୍ସାହ ଉତ୍ତେଜନା, ଦବେଇବେ କିଏ । ଚାଲିଲା ସ୍ୱେଚ୍ଛାସେବକ ସଂଗ୍ରହ । ମୁଷ୍ଟିଭିକ୍ଷା ଘରେ ଘରେ ହାଣ୍ଡି ବସିଲା । ସାତ ଦିନକୁ ସାତଦିନ ଚାଉଳ କଢ଼ା ହୁଏ । ସେଇଥିରେ କର୍ମୀ ଚଳିଲେ । ନାନା ସ୍ଥାନରେ କଂଗ୍ରେସ ଆଶ୍ରମ ବସିଲା । ଚରଖା-ପତାକା ଉଡିଲା । ଲୋକେ ଖଦଡ ପିନ୍ଧିଲେ ।

ଅଗଷ୍ଟ ୧୯୨୧, ସମାଜରେ ବାହାରିଲା—ପଣ୍ଡିତ ଗୋପବନ୍ଧୁଙ୍କ ଲେଖା—"ସତ୍ୟ ହୋଇଥିଲେ ସାଙ୍ଘାତିକ" । ବେଗୁନିଆଁ ଥାନାର ପୁଲିସ୍‌ମାନେ ଲୋକଙ୍କ ଉପରେ ଅତ୍ୟାଚାର କରୁଛନ୍ତି ବୋଲି ସେଥିରେ ଲେଖାଥିଲା । ପୁଲିସ୍ କହିଲେ—ସେ ମିଛ । ତାଙ୍କ ଉପରେ ମକଦ୍ଦମା ଦାଏର ହେଲା । ସେ ଶାନ୍ତିସେନା ଗଢୁଛନ୍ତି ବୋଲି ଆହୁରି ଏକ ଅଭିଯୋଗ । ତାପରେ ତାଙ୍କ ଉପରେ ବାରମ୍ବାର ୧୪୪ ପ୍ରୟୋଗ । ଆଗ କଟକରେ ଓ ପୁରୀରେ, ସେଇଠୁ ସମ୍ବଲପୁର, କଲିକତା ଆଦିରେ ଭାଷଣ, ପରେ ବ୍ରହ୍ମପୁରରେ, ତାପରେ ସେ ଅହମଦାବାଦ କଂଗ୍ରେସରୁ ଫେରିଲା ପରେ ୧୯୨୨ ଜାନୁଆରୀରେ କଟକରେ ସେଉଠୁ ଝାରସୁଗୁଡା ଯାଇ ଫେରିଲା ପରେ ବାଲେଶ୍ୱରରେ, ସେଉଠୁ ପୁରୀରେ, ସେଉଠୁ ଗଲେ କନିକା ଅତ୍ୟାଚାର ବୁଝି, ସେଠୁ ଫେରିଲା ପରେ ୧୯୨୨ ମଇ ମାସରେ ଜଗତସିଂହପୁର ଗଲାବେଳେ ସେଠି, ସେଉଠୁ ଭଦ୍ରଖରେ, ସବୁଠି ୧୪୪ । ତା ୨୮ । ୧୦ । ୧୯୨୧ରେ ଖୋର୍ଦ୍ଧାରେ ତାଙ୍କ ବିଚାର ହୋଇ ସେ ଖଲାସ ହୋଇଥିଲେ । ତା ୩୧ । ୫ । ୧୯୨୨ରେ ପୁରୀରେ ତାଙ୍କୁ ଗିରଫ କରାଗଲା । ୧୯୨୩ ଜାନୁଆରୀରେ ହଜାରିବାଗ ଜେଲକୁ ନିଆଗଲା । ୧୯୨୪ ଜୁନ୍‌ରେ ଖଲାସ ହେଲେ । ସେଠୁ ଫେରି ନାନା କାମ, ବେଶି ତ ବନ୍ୟାକାମ । ୧୯୨୮ ଆଗ ଲାହୋର, ସେଠୁ ଜର, ସେଉଠୁ କଲିକତା, ସେଠି ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡିଆ ସମାଜ ସଂକ୍ରାନ୍ତରେ

କଣ ଗଣ୍ଡଗୋଳ ହେଉଥିଲା ବୋଲି ବୁଝିବାକୁ, ତାପରେ ସେଠୁ ଫେରି ସତ୍ୟବାଦୀରେ ୧୯୨୮ରେ ନେତ୍ରୋତ୍ସବ ଦିନ ସଞ୍ଜ ୭ଟା ୨୫ ମିନିଟ ତା ୧୭ । ୭ । ୧୯୨୮ ।

"ସତ୍ୟ ହେଇଥିଲେ ସାଙ୍ଘାତିକ ।" କି ଭାଷା ! କି ଲେଖା ! ମନେପଡ଼ୁଛି ଦିନ ଚାରିଟା ବାଜିଥାଏ । ଶୀତଦିନ । ଦାସେଆପଣେ ପୁରୀରେ ଥିଲେ । ପୁଲିସ୍ ଆଣି ଖୋର୍ଦ୍ଧା ମାଜିଷ୍ଟ୍ରେଟଙ୍କ ସମନ୍ ତାଙ୍କୁ ଦେଲେ । ତାଙ୍କ ନାଁରେ ସରକାର ଡିଫାମେସନ୍ କେସ୍ କରିଛନ୍ତି । ତାଙ୍କୁ ତଲବ କରାହୋଇଛି, ଖୋର୍ଦ୍ଧା କୋର୍ଟରେ ହାଜର ହେବାକୁ ପଡିବ । ସମନ୍ ପାଇ ସେହି ସଙ୍ଗେ ସଙ୍ଗେ ପଣ୍ଡିତ ଗୋପବନ୍ଧୁ ଦାସ ଖୋର୍ଦ୍ଧା ଗଲେ । ପୁରୀର ଓକିଲ ଜଗବନ୍ଧୁ ସିଂହ ଓ ଓକିଲ ଉପେନ୍ଦ୍ର କର (ଓକିଲ ପୁରୁଷୋତ୍ତମ କରଙ୍କ ବାପା) ମଧ୍ୟ ଖୋର୍ଦ୍ଧା ଗଲେ । ଉତ୍କଳମଣି ମାଜିଷ୍ଟ୍ରେଟଙ୍କ କଚିରିରେ ହାଜର ହେଲେ । ମାଜିଷ୍ଟ୍ରେଟ ଥିଲେ ସୁରେଶ ଚନ୍ଦ୍ର ବୋଷ । ସେ ନେତାଜୀ ସୁଭାଷଙ୍କ ଭାଇ ।

ଆସାମୀ ହାଜର, ମାଜିଷ୍ଟ୍ରେଟ ତାରିଖ ଶୁଣାଇ ଜାମିନ୍‌ନାମାରେ ଜାମିନ୍ ଦସ୍ତଖତ କରାଇ ଚାଲିଯିବାକୁ ଆଦେଶ ଶୁଣାଇଲେ । ଜାମିନ୍ ଦସ୍ତଖତ କରିବାକୁ ଦୁଇ ଓକିଲ ଆଗଭର ହେଲେ । ଦାସେ-ଆପଣେ କହିଲେ—ମୁଁ ଜାମିନ୍ ଦେବି ନାହିଁ, ମତେ ପଛେ ଜେଲ୍ ହାଜତ୍‌ରେ ରଖାଯାଉ ।"

ସମସ୍ତେ ଆଶ୍ଚର୍ଯ୍ୟ, ଦୁଃଖିତ । ତାଙ୍କ ଭଳି ଲୋକ । ତୁଚ୍ଛ ଜାମିନ୍‌ଟିଏ ନଦେଇ ସେ ଯିବେ ଜେଲ୍ ହାଜତ୍ । ଜଗବନ୍ଧୁ ସିଂହ ଓ ଉପେନ୍ଦ୍ର କର, କଚିରିଯାକ ଦେଖଣାହାରୀ ବୁଝାଇଲେ, କେତେ ନେହୁରା ହେଲେ । ନିଉଛାଳି ହେଲେ । ତାଙ୍କର ସେହି ଏକା ନାହିଁ । ସେ ହାକିମଙ୍କୁ ତାଙ୍କ ନିଷ୍ପତ୍ତି ଜଣାଇଲେ, ଜାମିନ୍ ଦେବେ ନାହିଁ । ଜେଲ ଯିବେ ।

ସଞ୍ଜବୁଡେ ତାଙ୍କୁ ଖୋର୍ଦ୍ଧା ଜେଲକୁ ନିଆଗଲା । ସେ ଖୁସି ମନରେ ଗଲେ । ଆମେ କାନ୍ଦୁଥାଉଁ ।

ଚଉଦ ଦିନ ଖୋର୍ଦ୍ଧା ଜେଲ୍‌ରେ ତାଙ୍କୁ ରଖାଗଲା । ପ୍ରତିଦିନ ସକାଳ ଦଶଟାବେଳେ ଥରେ ସଞ୍ଜ ପାଞ୍ଚଟାବେଳେ ଥରେ ମୁଁ ତାଙ୍କ ପାଇଁ ଖାଇବାକୁ ନେଇ ଜେଲ ଫାଟକ ପାଖକୁ ଯାଏଁ । ଦେଇ-ଆସେ । ସେ ତାଙ୍କ 'ସମାଜ' କାଗଜରେ ଛାପିବାକୁ ମୋ ହାତରେ ଲେଖାଦିଅନ୍ତି, ମୁଁ 'ସମାଜ'କୁ ପଠାଇ ଦିଏଁ ।

ମକଦ୍ଦମାର ତାରିଖ ଦିନ ତାଙ୍କୁ କଚିରିକି ଅଣାଯାଏ । ସେତେବେଳେ କଚିରି ଲୋକାରଣ୍ୟ ହୋଇଯାଏ । ଦେଶଯାକ ଚହଳ ପଡ଼ିଯାଇଥାଏ, ଓଡ଼ିଶାର ଅସହଯୋଗ ଆନ୍ଦୋଳନରେ ପ୍ରଥମ ରାଜ-ନୈତିକ ବିଚାରଣା, ଆସାମୀ ସ୍ୱୟଂ ଗୋପବନ୍ଧୁ ଦାସ ।

ମକଦ୍ଦମାର ଶେଷଦିନ ଆସିଲା । ସେଦିନ ହଜାର ହଜାର ଲୋକ । ମାଜିଷ୍ଟ୍ରେଟ ହୁକୁମ୍ ଦେଲେ—ବାହାରେ ଗଛମୂଳେ କୋର୍ଟ ହେବ ।

କଚିରିଘର ବାହାରେ କିନ୍ତୁ କଚିରି ହତା ଭିତରେ ଗୋଟିଏ କଣିକିଆ ସ୍ଥାନରେ ଅଛି ବୁଢ଼ା ଓସ୍ତ ଗଛଟିଏ, ଦେଖିଥିବ କେତେ ଇତିହାସ, କେମିତି ଏ ଦେଶ ସ୍ୱାଧୀନ ଥିଲା, କେମିତି ଆସିଲେ ଇଂରେଜ୍, କେମିତି ଓଡ଼ିଆ ତାଙ୍କ ବିରୁଦ୍ଧରେ ଆଗେ ଟେକିଥିଲେ ହତିଆର, ରେତଂ ବକ୍‌ସି ତାପଙ୍ଗ ଦଳବେହେରା, ଜାରୁଫେର ସିଂହ କି ବାହୁବଳେନ୍ଦ୍ର, ଖୋରଧା ପାଇକବସନା ଜନମ ମାଟିର କେତେ ନିଡ଼ରୁଆ ବଳିଆର ପୁଅଙ୍କୁ ସେ ଦେଖିଥିବ । ତାଆ ଛାଇତଳେ ଠିଆହେଲେ ଏବେ ଆଉ ଜଣେ, ପଣ୍ଡିତ ଗୋପବନ୍ଧୁ ଦାସ । ମାଜିଷ୍ଟ୍ରେଟ ସେଠି କଚିରି କଲେ । ଲୋକ ହଜାର ହଜାର, ଥାଳି ମାରିଦେଲେ ଥାଳି ଚାଲିଯିବ, କାହୁଁ କାହୁଁ ଉଠି ଆସିଥାନ୍ତି ।

କେମିତି ଠିଆ ହୋଇଥାନ୍ତି ସେ । ଶାନ୍ତ, ଧୀର, ଆତ୍ମସ୍ଥ, ଅଟଳ, ନିରୁଦ୍‌ବେଗ । ଦିନ ଦୁଇଟା ବାଜିଲା । ମାଜିଷ୍ଟ୍ରେଟ ରାୟ ଶୁଣାଇଦେଲେ—ପଣ୍ଡିତ ଗୋପବନ୍ଧୁ ଦାସ ନିର୍ଦ୍ଦୋଷରେ ଖଲାସ !

ମାଜିଷ୍ଟ୍ରେଟ ଆଉ ଆସାମୀ ପରସ୍ପରକୁ ନମସ୍କାର କଲେ । ଦାସେ ଆପଣେ ବାହାରି ଆସିଲେ । ଗଗନ କମ୍ପେଇ ଜନତା ଧ୍ୱନି ଦେଲା—"ମହାତ୍ମା ଗାନ୍ଧିକୀ ଜୟ ! ପଣ୍ଡିତ ଗୋପବନ୍ଧୁ ଦାସେ କୀ ଜୟ" । ମାଇପେ ହୁଳହୁଳି ଦେଲେ । ଦାସେ ଆପଣେ ଫୁଲମାଳରେ ପୋତି ହୋଇ ପଡ଼ିଲେ । ବିଜୁଳି ପରି ଚାରିଆଡ଼େ ବାର୍ତ୍ତା ଖେଳିଗଲା ।

### ୧୭.୩.୧ ମୂଳପାଠର ଦ୍ୱିତୀୟଭାଗ ଉପରେ ପ୍ରଶ୍ନାବଳୀ

ପ୍ରଶ୍ନ : ୧. ୫୦ଟି ଶବ୍ଦ ମଧ୍ୟରେ ନାଗପୁର କଂଗ୍ରେସ ଅଧିବେଶନ ଉପରେ ସଂକ୍ଷିପ୍ତ ଟିପ୍‌ପଣୀ ଦିଅନ୍ତୁ ।

ଉତ୍ତର : ୧୯୧୯ ମସିହା ଶୀତ ଋତୁରେ ନାଗପୁରରେ କଂଗ୍ରେସ ଅଧିବେଶନ ହୋଇଥିଲା । ଏହି ଅଧିବେଶନରେ ଯୋଗଦେବା ପାଇଁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହିତ ତାଙ୍କ ପ୍ରିୟ ସହଚର ରାମ ବାରିକ ବି ଯାଇଥିଲେ । ଅଧିବେଶନଟିରେ ପ୍ରାୟ ୭୦ ହଜାର ପ୍ରତିନିଧି ଯୋଗ ଦେଇଥିଲେ । ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ବଙ୍ଗ ପ୍ରଦେଶର ପ୍ରତିନିଧିମାନେ ଏକ ସ୍ୱତନ୍ତ୍ର ରେଳଗାଡ଼ିରେ ଆସିଥିଲେ । ଏହି ଅଧିବେଶନରେ ମହାତ୍ମା ଗାନ୍ଧୀ ଯୋଗ ଦେଇଥିଲେ । ଭିନ୍ନ ଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିନିଧିଙ୍କ ପାଇଁ ରହିବା ଓ ଖାଇବାର ବ୍ୟବସ୍ଥା ହୋଇଥିଲା ।

୨. ଉପରେ ଦିଆ ଯାଇଥିବା ପ୍ରଶ୍ନ ଓ ଉତ୍ତର ପଢ଼ନ୍ତୁ ଏବଂ ସେହି ଅନୁସରଣରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୫୦ଟି ଶବ୍ଦ ମଧ୍ୟରେ ଦିଅନ୍ତୁ ।

(କ) ସତ୍ୟ ହୋଇଥିଲେ ସାଙ୍ଘାତିକ ।

(ଖ) ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ।

(ଗ) ଖୋର୍ଦ୍ଧା କଚେରୀରେ ଗୋପବନ୍ଧୁଙ୍କ ବିଚାର ।

**୧୭.୩.୨ ବ୍ୟାକରଣଗତ ପ୍ରଶ୍ନାବଳୀ**

୧. ଆତ୍ମପରୀକ୍ଷଣ ଅନୁଶୀଳନୀ—

ବନ୍ଧନୀ ମଧ୍ୟରେ ଥିବା ଶବ୍ଦଗୁଡ଼ିକୁ ନେଇ ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

(ସେମାନେ, ଦେଖି, ଯେ, ସେତେବେଳେ, ଧୀରେ ଧୀରେ)

(କ) କେହି ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ — ସେଦିନ ଏପରି ଘଟଣା ଘଟିବ ।

(ଖ) ମୁଁ ଯେତେବେଳେ ଘରେ ପହଁଚିଲି — କେହି ସେଠାରେ ନଥିଲେ ।

(ଗ) ଯେଉଁ ଛାତ୍ରମାନେ ପରିଶ୍ରମ କରନ୍ତି — ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି ।

(ଘ) ଅନ୍ଧ ଭିକାରୀଟି ବାଡ଼ିଧରି ରାସ୍ତାରେ — ଯାଉଛି ।

(ଙ) ଆଗ ପଛ — କାମ କରିବା ଉଚିତ ।

# ୧୭.୪ ମୂଳପାଠର ତୃତୀୟଭାଗ

ଡିଫାମେସନ୍ ମକଦ୍ଦମାରୁ ଖଲାସ ହେବାର ଠିକ୍ ଛଅମାସ ପୂରିଥାଏ, ଯା ଭିତରେ କେତେ-ଆଡ଼ ବୁଲା, କେତେ କାମ, କଟକରେ ଗୋପାଳ ପ୍ରହରାଜଙ୍କ ଘର କଡ଼ିରେ ସ୍ୱରାଜ ଆଶ୍ରମ ପ୍ରତିଷ୍ଠା ସରିଛି, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରଖ, ସମ୍ବଲପୁର କେତେଆଡ଼େ ଆଶ୍ରମ ପ୍ରତିଷ୍ଠା ସରିଥାଏ, ଡାକ୍ତର, ଓକିଲ, ଛାତ୍ର, ଟକେତେ ଆନ୍ଦୋଳନ ଚଳାଇଥାନ୍ତି, ମୁଷ୍ଟିଭିକ୍ଷା, ଖଦୀପ୍ରଚାର, ମୁକ୍ତି ଆନ୍ଦୋଳନର ବାର୍ତ୍ତା ପ୍ରଚାର, ନାନା ସଙ୍ଗଠନ, ଏପରି ନାନା କାର୍ଯ୍ୟ ଚାଲିଥାଏ । ସରକାର ପଛେ ପଛେ ଲାଗିଥାନ୍ତି, କନିକା ଅତ୍ୟାଚାର ବିଷୟ ଲେଖିବାରୁ କନିକାରାଜା ଦାସେଆପଣଙ୍କ ନାଁରେ କେତେଟା ଡିଫାମେସନ କେସ୍ ଦାୟର କରିଥାନ୍ତି, ବାଲେଶ୍ୱରରୁ ସତ୍ୟବାଦୀ ଫେରିବେ ବୋଲି ରେଳରେ ଆସିବାବେଳେ ବାଲେଶ୍ୱର ଜିଲ୍ଲା ମାଜିଷ୍ଟ୍ରେଟ, ତାଙ୍କ ଉପରେ ୧୪୪ ଧାରା ଜାରି କରିଥାନ୍ତି, ୧୪୪ ର ତ ଗଣତି ନାହିଁ, ତାଙ୍କ ଉପରେ ଜାରି ହୋଇଥାଏ ନାନା ସ୍ଥାନରେ ।

ଏମିତି ଦିନେ, ପୁରୀରେ ସକାଳ ସାତଟା ବେଳେ ନରେନ୍ଦ୍ର ପୋଖରୀରେ ଗାଧୋଇ ଫେରୁ-ଥାଉଁ ସେ ଓ ମୁଁ । ଜ୍ୟେଷ୍ଠମାସ ହେବ ପରା ! ପୁଲିସ୍ ଇନିସ୍ପେକ୍ଟର ପହଁଚିଯାଇ ହାତଯୋଡ଼ି କହିଲେ, "ଆଜ୍ଞା, ଆପଣଙ୍କୁ ଆରେଷ୍ଟ କରାଯିବ । ଓ୍ୱାରେଣ୍ଟ ଆସିଛି ।" ବହୁତ ବିନୟ ହୋଇ କହିଲେ ।

ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମୁହଁରେ ତିଳେ ମାତ୍ର ଅପ୍ରସନ୍ନତା ନାହିଁ । କହିଲେ, " ହଉ, ଚିନ୍ତା ନାହିଁ, ଯିବା । ତେବେ ଟିକିଏ ଅପେକ୍ଷା କରନ୍ତୁ । ମୁଁ ଟିକିଏ ପୂଜା କରି ଆସେଁ । ଆପଣ ସିଂହଦୁଆର ମୁହଁରୁ ଗୋଟିଏ ଘୋଡ଼ାଗାଡ଼ି ଡାକିଆଣନ୍ତୁ, ଯିବା ।" ମାର୍କେଟ ପାଖରେ ତାଙ୍କର ସାନ ବସାଟିଏ, ସେଇଠି ପୂଜା କରନ୍ତି ।

ମୁଁ ଦେଖିଛି, ଗିରଫ ହୋଇ ଗଲାବେଳେ ସେ ଜିଦ୍ ଧରନ୍ତି—"ଯାନ ନ ଆଣିଲେ ହେବ ନାହିଁ ।" ନହେଲେ ଅନ୍ୟ କୌଣସି କଥାକୁ ଆପତ୍ତି ନାହିଁ । ହାତକଡ଼ି ପଡ଼ିବାକୁ ବି ଖାତିରି ନାହିଁ ।

ପୁଲିସ୍ କର୍ମଚାରୀ ସେତେବେଳେ ତାଙ୍କୁ ହାତ ଯୋଡନ୍ତି, ନିଉଛାଳି ହୋଇ କହନ୍ତି, ଆଜ୍ଞା ! ସଂସାର କରିଛୁଁ ବୋଲି ସିନା ! ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କୁ କହନ୍ତି, "ହଉ ହଉ, ତୁମ କର୍ତ୍ତବ୍ୟ କର, ଭିତରେ ଏମିତି ସ୍ନେହ ଥାଉ ।" ତାଙ୍କୁ କଟକ ଜେଲରୁ ବାଲେଶ୍ୱର କଚିରିକି ମକଦ୍ଦମା ବିଚାର ପାଇଁ ନେବା-ଆଣିବା କଲାବେଳେ ଯେତେବେଳେ ତାଙ୍କୁ ହାତକଡ଼ି ପକାଇବା ହୁଏ, ସେତେବେଳେ ବୁଢ଼ାବୁଢ଼ା ଅଫିସର କାନ୍ଦିପକାନ୍ତି । ହାତଯୋଡ଼ି ମୁଣ୍ଡପୋତି ଠିଆ ହୋଇ କାନ୍ଦନ୍ତି । ପଣ୍ଡିତ ଗୋପବନ୍ଧୁ ଦାସ— ହାତକଡି ପଡ଼ିଥିବ ଓଲଟି ସେମାନଙ୍କୁ ସାନ୍ତ୍ୱନା ଦେବେ, "ବେସ୍ତ ହଉଚ କାହିଁକି ? ତୁମେ ତୁମ କର୍ତ୍ତବ୍ୟ କରୁଚ । ହଉ । ସେ ସମୟ ତ ଆସିନାହିଁ । ତୁମ କର୍ତ୍ତବ୍ୟ କର, ଭିତରେ ସହାନୁଭୂତି ଥାଉ ।" ଯାଜପୁର କମାଗଡ଼ର ଗୁରୁପ୍ରସାଦ ଦାସ ଡ଼ି. ଏସ୍. ପି. ହୋଇଥିଲେ, ନିଷ୍ଠାପର ଲୋକ । ପ୍ରତିଦିନ ହୋମକଲେ ଯାହା କରିବେ, ତୁଣ୍ଡରେ ସବୁବେଳେ "ଜୟ ଜଗନ୍ନାଥ" ! ସେ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଭାରି ଭକ୍ତି କରୁଥିଲେ । ରାଞ୍ଚୀ ଗଲେ ଦାସେ ଆପଣେ ତାଙ୍କ ଘରେ ରହିଯାଆନ୍ତି ।

ହଁ, ସେଥର, ତାପରେ । ପୁଲିସ୍ ଇନିସ୍‌ପେକ୍‌ଟର ସିଂହ ଦୁଆରରୁ ଗାଡ଼ି ଆଣି ଅପେକ୍ଷା କଲେ । ଦାସେଆପଣେ ଗଲେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ଆସିଲେ । କହିଲେ, "ଏଥର ଯିବା ।" । ଗାଡ଼ିରେ ବସିଲେ । ସକାଳ ୧୦ଟା ବେଳେ ରେଲ୍ ଚଢ଼ି କଟକ ଆସିଲେ । କଟକ ଜେଲକୁ ନିଆହେଲେ ।

ମୋ ପାଖେ ଟଙ୍କାପଇସା ରଖିଥାନ୍ତି । ତେଣୁ ମୁଁ ପୁରୀରେ ରହିଗଲି । ତହିଁ ଆରଦିନ କଟକ ଯାଇ ଦେଖାକଲି ।

କଟକ ଜେଲରେ ରଖାହୋଇ ତାଙ୍କୁ କେଶ୍ ବିଚାର ସକାଶେ ହାତକଡି ପକାଇ ରେଲରେ ବାଲେଶ୍ୱର ନେ-ଆଣ କରାହୁଏ । ମୁଁ ତାଙ୍କ ସଙ୍ଗରେ ରେଲରେ ବସେଁ । ବାଲେଶ୍ୱରରେ ଓହ୍ଲାଇଲେ ମୁଁ ତାଙ୍କ ପାଇଁ ଗାଡି ଡାକିଦିଏଁ । ସେ ସେଥିରେ ବାଲେଶ୍ୱର ଜେଲକୁ ନିଆହୁଅନ୍ତି, ମୁଁ ଯାଏ ବାଲେଶ୍ୱର ସ୍ୱରାଜ ଆଶ୍ରମକୁ । ସେଠୁ ତାଙ୍କ ପାଇଁ ଖାଇବାକୁ ନେଇଅସେ । କୋର୍ଟଟିରେ ସେଦିନ ବିଚାର ସରିଲେ ରାତିରେ ତାଙ୍କୁ ରେଲରେ କଟକ ଅଣାହୁଏ । ମୁଁ ବି ଫେରିଆସେ । ତାଙ୍କୁ ନିଆହୁଏ କଟକ ଜେଲକୁ, ମୁଁ କଟକରେ ଥିବାତକ ଷ୍ଟେସନରେ ଶୁଏଁ, କିନ୍ତୁ କଟକ ସ୍ୱରାଜ ଆଶ୍ରମରେ ଖାଏ ପିଏ ।

ଏମିତି କଟିଥିବ ମାସେ ।

ତାପରେ ୧୯୨୨ର ବର୍ଷା ଆରମ୍ଭ ସମୟ । ମେଘ ଘୋଟିଥାଏ, ଅନ୍ଧାର । ଏମିତିବେଳେ ଦିନେ କଟକରେ ତାଙ୍କ ବିଚାରଣାର ରାୟ ଶୁଣାଇ ଦିଆଗଲା । ସେ ଭଦ୍ରଖରେ ୧୪୪ ଭାଙ୍ଗିଥିବା ଯୋଗୁଁ ୧୮୮ ଦଫାରେ ଛ'ମାସ ବିନାଶ୍ରମ ଜେଲ୍‌ଦଣ୍ଡ ଆଉ ସ୍ୱରାଜ୍ୟ ସେବକ ସଂଘ ଗଠନ କରିଥିବା ଯୋଗୁଁ କ୍ରିମିନାଲ ଆମେଣ୍ଡମେଣ୍ଟ ଆକ୍‌ଟର ୧୭ ଦଫାର ଦୁଇବର୍ଷ ବିନାଶ୍ରମ ଜେଲ୍‌ଦଣ୍ଡ, ଏକାଠି ଦୁଇଟାଯାକ ଦଫାତ ଦଣ୍ଡଭୋଗ କରିବାକୁ ପଡ଼ିବ, ଅର୍ଥାତ୍ ଉଭୟ ମକଦ୍ଦମାରେ ଗାଏମୋଟ ଦୁଇବର୍ଷ ବିନାଶ୍ରମ ଜେଲ୍ ।

ସେଦିନ ବି ଚାରିଆଡେ ଲୋକାରଣ୍ୟ । ଚାରିଆଡେ ଘୋର ଉତ୍ତେଜନା, ସହରଯାକ ପୁଲିସ୍ ଜାଗତିଆର । କଡ଼ା ପ୍ରହରା । କଟକ ପାଳିଲା ହରତାଳ । ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଦୁଇବର୍ଷ ଜେଲ୍ । ତୁଣ୍ଡକୁ ତୁଣ୍ଡ ବାର୍ତ୍ତା ଖେଳିଗଲା । ଗାଁରୁ ସହରଯାକେ ଘରେ ଘରେ ଚହଳ ।

ମତେ କହିଲେ, "ରମା ଦି ବର୍ଷ ଲାଗି ମୋର ଯାହା ଯାହା ଦରକାର, କୌପୁନୀଠୁ ବହିଯାକେ (ସେ ଲୁଗା ତଳେ କୌପୁନୀ ପିନ୍ଧୁଥିଲେ) ସବୁ ମତେ ଯୋଗାଇ ଦିଅ ।" ଯାହା ଯାହା ଦରକାର କାଗଜରେ ଟିପିଦେଲେ । ଟିପା ନେଇ ସତ୍ୟବାଦୀ ଗଲି । ଶ୍ରୀଯୁକ୍ତ ରାଧାନାଥ ରଥ ସେଇଠି ଥାଆନ୍ତି, ସେଠି ସତ୍ୟବାଦୀ ପ୍ରେସ୍ ଥାଏ । ସମାଜ କାଗଜ ସେଠୁ ବାହାରୁ ଥାଏ । ସେ ଦୁଇ ବର୍ଷ ଯାକ ମୁଁ ସତ୍ୟବାଦୀ ସ୍କୁଲରେ ରହିଲି । ସେତେବେଳେ ପଣ୍ଡିତ କୃପାସିନ୍ଧୁ ମିଶ୍ର ହେଡ୍‌ମାଷ୍ଟର ହୋଇଥିଲେ । ପଣ୍ଡିତ ଗୋପ-ବନ୍ଧୁ ମତେ କହିଯାଇଥିଲେ, "ରମା, ତୁ ଲୁଗା ବୁଣି ଶିଖ, ମୁଁ ଜେଲରୁ ଫେରିଲାବେଳକୁ ଦେଖିବି, ତୁ ନିଜ ହାତରେ ସୂତା କାଟି ଲୁଗା ବୁଣି ପିନ୍ଧୁଥିବୁ ।" ମୁଁ ତାଙ୍କ ଆଦେଶ ପାଳିଲି । ଦିନକୁ ଦଶହାତ ବାର ହାତ ଲେଖାଁ ଲୁଗା ମୁଁ ବୁଣେ ।

କନିକା ଡ଼ିଫାମେସନ କେସ୍ ବିଚାର ସକାଶେ ତାଙ୍କୁ କଟକ ଜେଲରେ ଛ'ମାସ ଖଣ୍ଡେ ରଖା-ହେଲା, ସେ ମକଦ୍ଦମା ଉଠାଇ ନିଆଗଲା, ସେଉଠୁ ଦିନେ ରାତିରେ ତାଙ୍କୁ ରେଲ୍‌ରେ ବସାଇ ହଜାରିବାଗ୍ ଜେଲକୁ ନିଆଗଲା ।

୧୯୨୪ ସାଲରେ ବର୍ଷାଋତୁ ଆରମ୍ଭ ବେଳେ ଦିନେ ତାଙ୍କ ଜେଲ୍‌ଦଣ୍ଡର ମିଆଦ ସରିଗଲା, ତାଙ୍କୁ ହଜାରିବାଗ୍ ଜେଲରୁ ଖଲାସ କରାଗଲା । ସେ ସେଠୁ ରେଲରେ ଆସି କଟକରେ ଓହ୍ଲାଇବେ, ତାର ଦି'ଦିନ ଆଗରୁ ମୁଁ କଟକ ଯାଇ ଶ୍ରୀ ଗୋପବନ୍ଧୁ ଚୌଧୁରୀଙ୍କ ଘରେ ରହିଥାଏ ।

ସେ ଦିନର ଛବି ମୋ ଆଖି ଆଗରେ ନାଚୁଛି । କଟକ ଷ୍ଟେସନରେ ହଜାର ହଜାର ଲୋକଙ୍କ ଭିଡ଼ । କଟକ ମ୍ୟୁନିସିପାଲିଟି ବହୁତ ସାଜସଜ୍ଜା କରିଥାଏ । ଲୋକେ ବେକ ଉହୁଙ୍କେଇ ଅନାଇଁ ରହିଥାନ୍ତି । ଏକ୍ସପ୍ରେସ ଗାଡ଼ି ଆସୁଥିବାର ଦିଶିଲା । ମଣିଷ ସମୁଦ୍ର ସତେ ଯେମିତି ଉଛୁଳି ପଡ଼ିଲା, ଗର୍ଜନ ଉଠୁଥାଏ—

"ମହାତ୍ମା ଗାନ୍ଧୀ କୀ ଜୟ !
ପଣ୍ଡିତ ଗୋପବନ୍ଧୁ ଦାସ କୀ ଜୟ !"

ଏକ୍ସପ୍ରେସ ଠିଆ ହେଲା । ଦେଶର ଭାଇଭଉଣୀଙ୍କ ମୁହଁକୁ ଅନାଇଁ ହାତଯୋଡ଼ି ନମସ୍କାର କଲେ, ସେ ଗାଡ଼ି ଦୁଆର ମୁହଁରେ ଠିଆ ହୋଇଥାନ୍ତି । ତାଙ୍କ ଆଖିରୁ ଲୁହ ଧାର ଧାର ଗଡ଼ି ପଡ଼ୁଥାଏ । କେତେ କାନ୍ଦୁଥାନ୍ତି !

କି ଉତ୍ତେଜନା ! କି ଉନ୍ମାଦନା ! ଚାରିଆଡ଼ୁ ଶଙ୍ଖ-ହୁଳହୁଳି । ବାରମ୍ବାର ଧ୍ୱନି ଉଠୁଥାଏ, "ଭାରତମାତା କୀ ଜୟ ! ମହାତ୍ମା ଗାନ୍ଧୀ କୀ ଜୟ ! ପଣ୍ଡିତ ଗୋପବନ୍ଧୁ ଦାସ କୀ ଜୟ ! ସ୍ୱାଧୀନ ଭାରତ କୀ ଜୟ !"

ଚାଲିଲା ତାଙ୍କୁ ଘେନି ନାହିଁ ନଥିବା ପଟୁଆର କଟକ ସ୍ୱରାଜ ଆଶ୍ରମ ଆଡ଼େ । ଲୋକେ ଅନୁଭବ କରୁଥାନ୍ତି—ତାଙ୍କର ଅତି ପ୍ରିୟ, ଅତି ଆପଣାର ମଣିଷ ଆପଣା ପରିବାରର ମଣିଷ ପୁଣି ଲେଉଟି ଆସିଛନ୍ତି ତାଙ୍କ ପାଖକୁ । ସେ ସମ୍ବର୍ଦ୍ଧନା ଘଟି ଯାଉଥାଏ ଆପେ ଆପେ ।

ସେ ଦେଶ ଗୋଟାକର ଆପଣାର ରକ୍ତସମ୍ପର୍କଠୁଁ ବଳି ଜାତିଧର୍ମ ନିର୍ବିଶେଷରେ ସମସ୍ତଙ୍କର ପରମ ଆତ୍ମୀୟ । ତାହା ଭିତରେ ଜ୍ଞାତିକୁଟୁମ୍ବ ବିଚାର ମନେପଡ଼େ ନାହିଁ, ତଥାପି ସେ ବି ତ ଗୋଟିଏ ପରିବାରରେ ଜନ୍ମ ହୋଇଥିଲେ, ଗୋଟିଏ ପରିବାରରେ ବିଭା ହୋଇଥିଲେ, ରଖିଗଲେ ଯୋଡ଼ିଏ ଝିଅ, ବଡ଼ ସାରଙ୍ଗିଣୀ, ଅଧ୍ୟାପକ ରତ୍ନାକର ପତିଙ୍କ ସହଧର୍ମିଣୀ । ସାନ କେତକୀ, ବୀରପ୍ରତାପପୁରର ନାରାୟଣ ମିଶ୍ରଙ୍କ ସହଧର୍ମିଣୀ । ଦୁଇ ଝିଅଙ୍କ ପୁଅମାନେ ବି କେହି କେହି ଅଧ୍ୟାପକ ହେଲେ, ଯେପରି ଅଧ୍ୟାପକ ଡକ୍ଟର ସତ୍ୟବାଦୀ ମିଶ୍ର, ସେ କେତକୀଦେବୀଙ୍କ ପୁଅ ଓ ଅଧ୍ୟାପକ ଡକ୍ଟର ତ୍ରିବିକ୍ରମ ପତି, ସେ ସାରଙ୍ଗିଣୀଦେବୀଙ୍କ ପୁଅ । ପଣ୍ଡିତ ଗୋପବନ୍ଧୁଙ୍କ ପୁଅ ନଥିଲେ । ମୁଁ ଦେଖିଲାବେଳକୁ ତାଙ୍କ ସ୍ତ୍ରୀ ମରିଯାଇଥିଲେ । ତାଙ୍କ ସାନ ଝିଅ କେତକୀ ଦଶ ବାର ବର୍ଷର । ତାଙ୍କ କଡ଼ିରେ ସତ୍ୟବାଦୀ ସ୍କୁଲ ବୋର୍ଡିଂରେ ଥାଆନ୍ତି । ତାଙ୍କ ବଡ଼ ଝିଅ ସାରଙ୍ଗିଣୀ ଥାଆନ୍ତି ତାଙ୍କର ଜଣେ ସମ୍ପର୍କୀୟା ବିଧବା ବଡ଼ ଭାଉଜଙ୍କ ପାଖରେ । ପଣ୍ଡିତ ଗୋପବନ୍ଧୁ ସେ ଭାଉଜଙ୍କୁ ବହୁତ ଶ୍ରଦ୍ଧା କରୁଥିଲେ ।

ତାଙ୍କର ନିଜ ବଡ଼ଭାଇ ନାରାୟଣ ଦାସ । ଭାଇ ଭାଉଜ ସୁଆଣ୍ଡୋରେ ଥାଆନ୍ତି । ନାରାୟଣ ଦାସ ବିଷୟୀ ଲୋକ, ମହାଜନ ଓ ଗାଁ ମାମଲତକାର ଥିଲେ । ତେଣୁ ତାଙ୍କ ବାଟ, ଦାସେଆପଣେଙ୍କ ବାଟ ଭିନେ । କିନ୍ତୁ ଶେଷ ଆଡ଼କୁ ସାନ ଭାଇଙ୍କ ପ୍ରଭାବ ବଡ଼ ଭାଇଙ୍କ ଉପରେ ପଡ଼ିଲା । ସେ ବଦଳି ଗଲେ । ବିଷୟ ସମ୍ପତ୍ତିରୁ ତାଙ୍କ ମନ ଚାଲିଗଲା ପରୋପକାର ଆଡ଼କୁ, ତା'ପରେ ବେଶି ଦିନ ବଞ୍ଚି ନାହାନ୍ତି । ନାରାୟଣ ଦାସ ଚାଲିଗଲେ ଓ ତହିଁର ନଅ ଦଶ ମାସରେ ଦାସେଆପଣେ ବି ଗଲେ ।

ଦାସେଆପଣେ ସୁଆଣ୍ଡୋ ଗଲେ ଗୋଟିଏ ଅଲଗା ଘରେ ରହୁଥିଲେ, ତାକୁ କହନ୍ତି 'କଚିରି ଘର' । ନାରାୟଣ ଦାସ ଯେଉଁ ଘର ତୋଳିଥିଲେ, ସେଥିରେ ଚାରି ପାଞ୍ଚ ବଖରା କୋଠାଘର ଓ ପାଞ୍ଚ ଛ ବଖରା ଆଟୁ ଘର ଥିଲା । 'କଚିରି ଘର' ତା ଆଗରେ, ସେଠି ଗୋଟିଏ ବଡ଼ ହତା ଭିତରେ ନଡ଼ିଆ ବଗିଚା, ପୋଖରୀ ଓ ମାଟି କାନ୍ଥ ଥାଇ ଆଟୁ ଘର, ମଣିଷ ନଥିବା ନିଛାଟିଆ ସ୍ଥାନ । ସେ ଗାଁକୁ କ୍ୱଚିତ୍ ଯାଉଥିଲେ, କିନ୍ତୁ ଗାଁ ଲୋକେ ତାଙ୍କୁ ଦେଖିବାକୁ ସବୁ ରଙ୍କ ସର । ସେମାନେ ବାରମ୍ବାର ସତ୍ୟବାଦୀ ଆସି ଦିନେ ଦି ଦିନ ରହି ଯାଆନ୍ତି, ତାଙ୍କ ଆଗରେ ଗାଁ ଲୋକଙ୍କ ଗୁହାରି କହନ୍ତି ।

ତାଙ୍କ ବଡ଼ଝିଅଙ୍କ ବିଭାଘର ମନେପଡ଼ିଯାଉଛି । ସେତେବେଳେ ରତ୍ନାକରବାବୁ ଏମ୍. ଏ. ପଢୁଥିଲେ । ସୁଆଣ୍ଡୋରେ ବିଭାଘର ହେଲା, ନିମିତ୍ତ ଉଠାଇଲେ ଦାସେଆପଣେଙ୍କ ବଡ଼ଭାଇ ନାରଣ ଦାସ । ପ୍ରାୟ ଷୋଳ ଶହ ଲୋକ ଖାଇଥିଲେ । ବାଇଶି ଖଣ୍ଡ ଶଗଡ଼ରେ ଚାଉଳ, ଡ଼ାଲି, ଖଟ, ପଲଙ୍କ, ଶିଳପାକେ ବହୁତ ଜିନିଷ ବୋଝେଇ କରି ପୁରୀ ଜିଲ୍ଲା ସୁଆଣ୍ଡୋରୁ କଟକ ଜିଲ୍ଲା ବିରୀବାଟି ପାଖ ତଅଁରପାକୁ ବର ସଙ୍ଗେ ଜିନିଷ ପଠାହୋଇଥିଲା ।

କିନ୍ତୁ ବର ଆସିଲାବେଳକୁ ବାଣ ଫୁଟି ନଥିଲା କି ବରକୁ ଟଙ୍କାପଇସା, ଘଣ୍ଟା, ସାଇକେଲ କିଛି ଦିଆ ହୋଇ ନଥିଲା, ଦାସେଆପଣେଙ୍କ ମନା ।

ସାନଝିଅ ବିଭାଘରକୁ ସେହି କଟକଣା ଦେଖାଯାଇଥିଲା । ଆଗ ଗୋଟିଏ ଧନୀଲୋକର ପୁଅ ସଙ୍ଗେ ପଡ଼ିଥିଲା, ପାତ୍ର ଆଇ. ଏ. ପାଶ୍, ବାପ ଓକିଲ । ବର ବାପା ଦାସେଆପଣେଙ୍କୁ ପଚାରିଲେ "ଦିଆ ନିଆ କଣ ?"

ଦାସେଆପଣେ କହିଲେ, "ତମର ଏତେ ଅଛି, ଆଉ କଣ ଦେବି ?"

ବର ବାପ କହିଲେ, ଆମେ ସାମନ୍ତ ବ୍ରାହ୍ମଣ, ତୁମେ ଦାସ ବ୍ରାହ୍ମଣ । ନଦେଲେ କେମିତି ହେବ ?

ଦାସେଆପଣେ କହିଲେ, "ମୁଁ ପଛେ ଗୋଟିଏ ଗରିବ ପିଲାକୁ ଝିଅ ବିଭା ଦେବି, ଦିଆ ନିଆ କରି ବାହା କରିବି ନାହିଁ ।" ପ୍ରସ୍ତାବ ଭାଙ୍ଗିଗଲା ।

ସେତେବେଳେ ସେ ଗାଁ ଗାଁ ବୁଲି ଗରିବ-ଦୁରୁବାଙ୍କୁ ସାହାଯ୍ୟ କରୁଥିଲେ, କୁଷ୍ଠରୋଗୀଙ୍କ ସେବା ପାଇଁ ଅନୁଷ୍ଠାନ ଚଳାଉଥିଲେ । ପୁରୀ ଜିଲ୍ଲା ବୋର୍ଡ଼ିଂର ମେମ୍ବର ଥିଲେ ।

ସେଉଠୁ ନାରାୟଣ ମିଶ୍ରଙ୍କ ସଙ୍ଗେ ବିଭାଘର ହେଲା, ସେ ବି ଆଗେ ସତ୍ୟବାଦୀ ବୋର୍ଡ଼ିଂରେ ରହି ପଢୁଥିଲେ । ସୁଆଣ୍ଡରେ ବିଭାଘର ହେଲା, ଖିଆପିଆ ଖୁବ୍ । ବଡ଼ ଆଡ଼ମ୍ବର ନଥିଲା, ଦିଆଘେନା ଦେଶାଚାର ପ୍ରକାରେ ସାଧାରଣ ।

ସେ ଏ ଦେଶର ସମସ୍ତିଙ୍କର, ସମସ୍ତେ ତାଙ୍କ ନିଜର, ସେ ଗୋଟିଏ ସ୍ଥାନରେ ନୁହଁନ୍ତି, ଜଗତ ଯାକର, ଗୋଟିଏ ସମୟର ନୁହଁନ୍ତି ଯୁଗ ଯୁଗର । ଯଦି କିଏ ପଚାରିବ ତାଙ୍କ ପରିଚୟ, ତାଙ୍କର ଆଉ ଅନ୍ୟ ପରିଚୟ ନାହିଁ ।

ହଜାରିବାଗ୍ ଜେଲରୁ ଆସି ପଣ୍ଡିତ ଗୋପବନ୍ଧୁ କଟକ ପହଞ୍ଚି ସେଠି ଦୁଇଦିନ ରହିଲେ । ସେଠୁ ଗଲେ ପୁରୀ, ମୁଁ ସଙ୍ଗରେ । ପୁରୀରେ ଯୋଡ଼ିଏ ଦିନ, ସେଠୁ ସତ୍ୟବାଦୀ, ସେଠୁ ତିନିଦିନ, ସେଉଠୁ ସମ୍ବଲପୁର ଗଲେ, ସେଠୁ ଓଡ଼ିଶାର ଚାରିଆଡ଼େ ବୁଲିଲେ, ସେମିତି ବୁଲନ୍ତି । ସେ ବିଶ୍ରାମ କଣ ଜାଣନ୍ତି ନାହିଁ ।

ମାସେ ଗଲା, କଟକରେ ବସିଲା ଉତ୍କଳ ସମ୍ମିଳନୀ, ସେ ଯୋଗଦେଲେ । ସେଇଠି ତାଙ୍କୁ ପଦ ଦିଆଗଲା 'ଉତ୍କଳମଣି' ।

ତା ଆର ବର୍ଷ ପୁରୀ ଜିଲ୍ଲାରେ ଭୟଙ୍କର ନଇବଢ଼ି ହେଲା, ପୁଣି ସେ ବଢ଼ି କାମରେ ଲାଗିଲେ । ବଢ଼ି ଛାଡ଼ୁ ଛାଡ଼ୁ ମହାତ୍ମା ଗାନ୍ଧୀ କଟକ ଆସିଲେ ଓ ତାଙ୍କ ପଛେ ପଛେ ଆଣ୍ଡ୍ରୁଜ୍ ସାହେବ ଆସିଲେ ।

ରହୁଁ ରହୁଁ ଆଉ ତିନିବର୍ଷ ବିତିଗଲା, ଘଡ଼ି ଘଡ଼ିକେ ତାଙ୍କର କାମ ଲାଗିଥାଏ, ଦେଶଯାକ କାମ । ସେଠୁ ଆସିଲା ୧୯୨୮ ସାଲ ମଇ ମାସ । ମୋ କାହାଣୀ ବି ସରି ଆସିଲା ।

୧୯୨୮ ମଇ ମାସ ବେଳକୁ ମୁଁ ଟିକିଏ ଅସୁସ୍ଥ ହୋଇ ପଡ଼ିଥାଏଁ, ରାତିରେ ନିଦ ହୁଏ ନାହିଁ । ତେଣୁ ମୁଁ ଆମ ଘରେ ବନପୁରରେ ରହୁଥାଏଁ ଓ ପ୍ରତିଦିନ ସତ୍ୟବାଦୀ ଯାଇ ତାଙ୍କର ସେବା କରୁଥାଏଁ । ସେତିକିବେଳେ ତାଙ୍କୁ ଟାଇଫଏଡ୍ ଜ୍ୱର ହେଲା ଓ ସେ ସେଥିରେ ସାତ ଆଠ ଦିନ ପଡ଼ିଗଲେ । ମୁଁ ତାଙ୍କୁ ଶୁଶ୍ରୂଷା କରୁଥାଏଁ ।

ତାଙ୍କୁ ଜ୍ୱର ଛାଡ଼ିଲା, କିନ୍ତୁ ଦେହ ଦୁର୍ବଳ ଥାଏ । ବିଶ୍ରାମ ଦରକାର ଥାଏ । ସେତିକିବେଳେ ଖବର ପାଇଲେ ଯେ କଲିକତା ବଡ଼ବଜାର ସୂତାକଳ ଓଡ଼ିଆ ଶ୍ରମିକମାନଙ୍କର ସେ ଯେଉଁ ସଙ୍ଘ ଗଢ଼ିଥିଲେ, ସେଠି କଣ ଅଡୁଆ ହୋଇଛି ଓ ତାଙ୍କର ସେଠିକି ନଗଲେ ନଚଳେ । ପନ୍ଦର ଦିନ ହୋଇନଥିବ ଜ୍ୱର ଛାଡ଼ିଥାଏ । ସ୍ୱାସ୍ଥ୍ୟଭଙ୍ଗା ଦେହ ଏତେ ସରି । ସେଇଥିରେ ସେ ବାହାରି ପଡ଼ିଲେ । କଲିକତାରେ ଜ୍ୱର ଲେଉଟିଲା, ସତ୍ୟବାଦୀ ଫେରିଆସିଲେ । ଜ୍ୱର ଆହୁରି ବଢ଼ିଲା । ପୁରୀ ସିଭିଲ ସର୍ଜନ ଦେଖୁଥାନ୍ତି । ଚିକିତ୍ସା ହେଉଥାଏ । ନେତ୍ରୋତ୍ସବ ଦିନ ସଞ୍ଜ ଛଅଟାବେଳେ ସେ ଜୀବନରେ ଶେଷଥର ଉପାସନା କଲେ । ତାପରେ ସାତଟା ପଚିଶ ମିନିଟରେ ସେ ଏ ସଂସାରରୁ ଚାଲିଗଲେ । ସେ ଦିନ ମୁଁ ନଥାଏ । ଖବର ପାଇ ତହିଁ ଆରଦିନ ସକାଳ ନଅଟା ବେଳକୁ ଆସିଲା ବେଳକୁ ଶବ ସଂସ୍କାର ସରିଥାଏ ।

### ୧୭.୪.୧ ମୂଳପାଠର ତୃତୀୟାଂଶର ପ୍ରଶ୍ନାବଳୀ

୧. ଓଡ଼ିଶାର ସ୍ୱାଧୀନତା ସଂଗ୍ରାମକୁ ସଫଳ କରିବା ପାଇଁ ଗୋପବନ୍ଧୁ ଦାସ କି କି ପଦକ୍ଷେପ ନେଇଥିଲେ ? ୨୦୦ଟି ଶବ୍ଦ ଭିତରେ ବର୍ଣ୍ଣନା କରନ୍ତୁ ।

### ୧୭.୪.୨ ମୂଳପାଠର ତୃତୀୟାଂଶ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ବାକ୍ୟାଂଶଗୁଡ଼ିକୁ ଏକପଦରେ ପ୍ରକାଶ କରନ୍ତୁ ।

(କ) ଦଶ ଆନନ ଯାହାର, (ଖ) ବନରୁ ଜାତ, (ଗ) ତୁଷାର ପରି ଧବଳ, (ଘ) ଉତ୍ତମ

ଅଟେ ପୁରୁଷ, (ଙ) ନୀଳ ଯେଉଁଟେ ଅମ୍ବର, (ଚ) ମଧୁପାନ କରେ ଯେ ସେ, (ଛ) ରଜାଙ୍କର ପୁତ୍ର, (ଜ) କ୍ଷଣକାଳ ବ୍ୟାପୀ ସ୍ଥାୟୀ, (ଝ) ତିନି ବେଣୀର ସମାହାର ।

## ୧୭.୫ ସାରାଂଶ

ପଣ୍ଡିତ ଗୋପବନ୍ଧୁ ଦାସ କଲିକତାରେ ଗୋଟିଏ ଓଡ଼ିଆ ଅନୁଷ୍ଠାନ ଗଢ଼ିବା ପୂର୍ବରୁ କଲିକତାରେ ବାସ କରୁଥିବା ଓଡ଼ିଆଙ୍କ ଭିତରେ କୌଣସି ଯୋଗସୂତ୍ର ନଥିଲା । ସେ ଦେଢ଼ ଲକ୍ଷ ଓଡ଼ିଆଙ୍କୁ ନେଇ ଏକ ଅନୁଷ୍ଠାନ ଗଠନ କରିଥିଲେ । ସେଇ ଓଡ଼ିଆ ଶ୍ରମିକମାନଙ୍କ ସାହାଯ୍ୟରେ କଲିକତାରେ ବିଦେଶୀ ଲୁଗା ବର୍ଜନ କରିବାରେ ସଫଳ ହୋଇଥିଲେ । ବର୍ଷ ବର୍ଷ ଧରି ହୀନମନ୍ୟତାରେ ସଙ୍କୁଚିତ ହୋଇ ରହିଥିବା କଲିକତାବାସୀ ଓଡିଆ, ଗୋପବନ୍ଧୁଙ୍କ ନେତୃତ୍ୱରେ ଅସାଧ୍ୟ ସାଧନ କରିପାରିଥିଲେ ।

୧୦୧୯ ମସିହା ଶୀତଦିନରେ ନାଗପୁରଠାରେ କଂଗ୍ରେସ ଅଧିବେଶନ ହୋଇଥିଲା । ପଣ୍ଡିତ ଗୋପବନ୍ଧୁ ଦାସ ସେଥିରେ ଯୋଗଦେଇଥିଲେ । ଭାରତବର୍ଷର ପ୍ରତ୍ୟେକ ଅଞ୍ଚଳରୁ ପ୍ରତିନିଧିମାନେ ଏବଂ ମହାତ୍ମା ଗାନ୍ଧୀ ପ୍ରମୁଖ ନେତାମାନେ ମଧ୍ୟ ସେଠାରେ ଏକତ୍ରିତ ହୋଇଥିଲେ ।

୧୯୨୧ରେ ମହାତ୍ମା ଗାନ୍ଧୀ ଓଡ଼ିଶା ଆସିଲେ । ସତ୍ୟବାଦୀରେ ସେ ଗୋପବନ୍ଧୁଙ୍କ ପାଖରେ ରହିଲେ । ତାଙ୍କୁ ଦେଖିବା ପାଇଁ ଗାଁ ଗଣ୍ଡାରୁ ଅସଂଖ୍ୟ ଲୋକ ଆସୁଥାନ୍ତି ।

ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ୧୯୨୦ରେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ପୁଣି ୧୯୨୧ରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହେଲା । ବିଦେଶୀ ଜିନିଷ ପୋଡ଼ାହେଲା, ଅରଟରେ ସୂତା କାଟିବା ଆରମ୍ଭ ହେଲା । ଲୋକେ, ଜେଲ୍, ଲାଠିମାଡ଼କୁ ନଡରି ଚାକିରି ଛାଡି ପାଠଛାଡ଼ି ଆନ୍ଦୋଳନରେ ଯୋଗଦେଲେ । ସେଇ ୧୯୨୧ ମସିହାରେ ଗୋପବନ୍ଧୁଙ୍କ ଅଗ୍ନିବର୍ଷୀ କଲମରୁ ପ୍ରକାଶ ପାଇଲା "ସତ୍ୟ ହୋଇଥିଲେ ସାଙ୍ଘାତିକ" ନାମକ ଏକ ଲେଖା ଯେଉଁଥିରେ ସେ ବେଗୁନିଆ ଥାନାର ପୁଲିସଙ୍କ ଅତ୍ୟାଚାରକୁ ଲୋକଲୋଚନକୁ ଆଣିଥିଲେ । ପୋଲିସ ତରଫରୁ ଡିଫାମେସନ୍ କେସ୍ ହେଲା । ସେ ଜାମିନ ନନେଇ ଚଉଦ ଦିନ ଧରି ଖୋର୍ଦ୍ଧା ଜେଲରେ ରହିଲେ । ବିଚାର ପରେ ନିର୍ଦ୍ଦୋଷରେ ଖଲାସ ହେଲେ ।

ଓଡ଼ିଶାର ଲକ୍ଷ ଲକ୍ଷ ଖଟିଖିଆ ମଜୁରିଆ ବା କଂଗ୍ରେସ କର୍ମୀମାନେ କେବଳ ନୁହଁନ୍ତି ବ୍ରିଟିଶ ସରକାରଙ୍କ ଅଧୀନରେ ଚାକିରି କରୁଥିବା ଓଡ଼ିଆ ପୁଲିସ୍ ଅଫିସରମାନେ ମଧ୍ୟ ଗୋପବନ୍ଧୁଙ୍କୁ ଅଶେଷ ଭକ୍ତି କରୁଥିଲେ । କର୍ତ୍ତବ୍ୟର ତାଡ଼ନାରେ ତାଙ୍କୁ ଆରେଷ୍ଟ କଲାବେଳେ ବି ହାତକଡ଼ି ପକାଇଲା ବେଳେ ସେମାନେ କାନ୍ଦି ପକାଉଥିଲେ ।

୧୯୨୨ରେ ଭଦ୍ରଖରେ ୧୪୪ ଧାରା ଭାଙ୍ଗିଥିବା ହେତୁ ଏବଂ ସ୍ୱରାଜ୍ୟ ସେବକ ସଂଘ ଗଠନ କରିଥିବା ହେତୁ ଗୋପବନ୍ଧୁ ଦୁଇବର୍ଷ ପାଇଁ ଜେଲ୍ ଯାଇଥିଲେ । ଜେଲ୍‌ରୁ ଫେରିବା ପରେ କଟକରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ତାଙ୍କର ଆଦର୍ଶ କେବଳ ଭାଷଣରେ ସୀମିତ ନଥିଲା । ସେ ନିଜେ ଏକ ଆଦର୍ଶ ଜୀବନ ଯାପନ କରୁଥିଲେ । ତାଙ୍କର ପୁଅ ନଥିଲେ, କେବଳ ଦୁଇଟି ଝିଅ ଥିଲେ । ସେ ନିଜ ଝିଅମାନଙ୍କ ବାହାଘର ବେଳେ ବର ପକ୍ଷର ଐଶ୍ୱର୍ଯ୍ୟକୁ ବିଚାରକୁ ନେଇ ନଥିଲେ । ଯୌତୁକ ପ୍ରଥାର ବିରୋଧ କରୁଥିଲେ ଏବଂ ସାଧାରଣ ଘରର ଯୋଗ୍ୟ ପାତ୍ରଙ୍କ ହାତରେ ନିଜ ଝିଅ ଦୁହିଁଙ୍କୁ ସମର୍ପଣ କରିଥିଲେ ।

ସେ ସଂଭ୍ରାନ୍ତ ପରିବାରର ଦାୟାଦ ହୋଇଥିଲେ ହେଁ ଅତି ସାଧାରଣ ଜୀବନଯାପନ କରୁଥିଲେ । ନିଜ ଗାଁ ସୁଆଣ୍ଡୋ ଗଲେ ନିଜର କୋଠାଘରେ ନରହି ଅଲଗା ରହୁଥିଲେ ।

ତାଙ୍କର ଜୀବନ ଯେମିତି ଉତ୍ସର୍ଗୀକୃତ ଥିଲା ଓଡିଶାର ଲକ୍ଷ ଲକ୍ଷ ଖଟିଖିଆଙ୍କ ପାଇଁ, ତାଙ୍କ ମରଣ ବି ହେଲା ପ୍ରବାସରେ ରହୁଥିବା ଅବହେଳିତ ଓଡ଼ିଆଙ୍କ ହିତ ପାଇଁ । ଟାଇଫଏଡ଼ରୁ ପୂରାପୂରି ଆରୋଗ୍ୟ ହୋଇନଥିଲେ, କିନ୍ତୁ କଲିକତା ସୂତାକଳରେ କାମ କରୁଥିବା ଓଡ଼ିଆ ଶ୍ରମିକଙ୍କ ସଙ୍ଗରେ କିଛି କନ୍ଦଳ ଦେଖା ଦେବାରୁ ମୀମାଂସା କରିବାକୁ ଗଲେ । ସେଠି ଟାଇଫଏଡ୍ ଲେଉଟିଲା, ସତ୍ୟବାଦୀକୁ ଫେରିଆସିଲେ, କିନ୍ତୁ ଜ୍ୱର କମିଲାନି । ୧୯୨୮ ଜୁଲାଇ ୧୭ ତାରିଖରେ ଓଡ଼ିଶାର ବରପୁତ୍ର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ ।

## ୧୨.୭ ଶବ୍ଦାର୍ଥ

ଦାସେଆପଣେ—ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଅନେକେ ଦାସେଆପଣେ ବୋଲି ମଧ୍ୟ ସମ୍ବୋଧନ କରୁଥିଲେ ।

ସି. ଆର୍. ଦାସ—ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ

ଡିଫାମେସନ୍ ମକଦ୍ଦମା—ମାନହାନି ମକଦ୍ଦମା

## ୧୨.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

ତଳେ କେତେଗୁଡ଼ିଏ ପ୍ରଶ୍ନ ଦିଆଯାଇଛି । ତାହାର ଉତ୍ତର ପ୍ରଶ୍ନ ଶେଷରେ ଦିଆଯାଇଛି । ଉତ୍ତର ନଦେଖି ନିଜେ ନିଜେ ଉତ୍ତର କରନ୍ତୁ । ପରେ ନିଜର ଉତ୍ତର ସହିତ ପ୍ରଦତ୍ତ ଉତ୍ତର ମିଳାଇ ଦେଖନ୍ତୁ ଆପଣ କେତେଦୂର ସଫଳ ହୋଇଛନ୍ତି ।

ପ୍ରଶ୍ନ : ୧. କଲିକତାରେ ରହୁଥିବା ଓଡ଼ିଆଙ୍କ ମଧ୍ୟରେ ଗୋପବନ୍ଧୁ କିପରି ଜାଗରଣ ଆଣିପାରିଥିଲେ ?

୨. ଓଡ଼ିଆ ଜାତି ପ୍ରତି ଗୋପବନ୍ଧୁଙ୍କ ମମତା ସଂକ୍ଷେପରେ ଉଲ୍ଲେଖ କରନ୍ତୁ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଭିନ୍ନ ଭିନ୍ନ ଅର୍ଥ ଲେଖନ୍ତୁ—
ନଳିନୀ, ଅର୍ଥ, କର, ପାଣି ।

୪. ନିମ୍ନଲିଖିତ ପଦାବଳୀକୁ ଏକପଦରେ ପ୍ରକାଶ କରନ୍ତୁ—
(କ) ଦଶ ଆନନ ଯାହାର
(ଖ) ବନରୁ ଜାତ
(ଗ) ତୁଷାର ପରି ଧବଳ
(ଘ) ଉତ୍ତମ ଅଟେ ପୁରୁଷ
(ଙ) ନୀଳ ଅଟେ ଅମ୍ବର
(ଚ) ମଧୁପାନ କରେ ଯେ
(ଛ) ରାଜାଙ୍କର ପୁତ୍ର
(ଜ) କ୍ଷଣକାଳ ବ୍ୟାପୀ ସ୍ଥାୟୀ
(ଝ) ତିନି ବେଣୀର ସମାହାର

ଉତ୍ତର : ୧. ପଣ୍ଡିତ ଗୋପବନ୍ଧୁ ଦାସ କଲିକତାରେ ପ୍ରଥମେ ପହଞ୍ଚିଲାବେଳକୁ ସେଠାରେ ବାସ କରୁଥିବା ଓଡ଼ିଆଙ୍କ ଭିତରେ କୌଣସି ଜାଗରଣ ନଥିଲା । କାରଣ ସେମାନଙ୍କ ଭିତରେ କୌଣସି ଯୋଗସୂତ୍ର ନଥିଲା । ଏହି ଯୋଗସୂତ୍ର ଓ ଜାଗରଣ ଆଣିବା ପାଇଁ ସେ ଦେଢ଼ ଲକ୍ଷ ଓଡ଼ିଆଙ୍କୁ ନେଇ ଏକ ଅନୁଷ୍ଠାନ ଗଢ଼ିଥିଲେ । କଲିକତାର ଯେଉଁ ଯେଉଁ ସ୍ଥାନରେ ଓଡ଼ିଆମାନେ ବାସ କରୁଥିଲେ ସେହି ସେହି ସ୍ଥାନକୁ ଯାଇ ସେମାନଙ୍କର ସୁଖ ଦୁଃଖ ବୁଝୁଥିଲେ । କଲିକତାବାସୀ ଓଡ଼ିଆ ଶ୍ରମିକମାନଙ୍କ ପ୍ରାଣରେ ସେ ଜାତୀୟତାର ବହ୍ନି ଜାଳି ଦେଇଥିଲେ । ଫଳରେ ସେହି ଓଡ଼ିଆ ଶ୍ରମିକମାନଙ୍କ ସାହାଯ୍ୟରେ ସେ କଲିକତାରେ ବିଦେଶୀବସ୍ତ୍ର ବର୍ଜନ ଆନ୍ଦୋଳନରେ ସଫଳ ହୋଇଥିଲେ । ଓଡ଼ିଆ ଶ୍ରମିକମାନେ ମାରୁଆଡ଼ି ବ୍ୟବସାୟୀମାନଙ୍କ ପାଇଁ ଜାହାଜରୁ ବିଦେଶୀବସ୍ତ୍ର ବୋହି ଆଣୁଥିଲେ । ଗୋପବନ୍ଧୁଙ୍କ ଉପଦେଶରେ ସେମାନେ ସେହି କାର୍ଯ୍ୟ ବର୍ଜନ କରିଥିଲେ । ବର୍ଷ ବର୍ଷ ଧରି ହୀନମନ୍ୟତାରେ ସଙ୍କୁଚିତ ହୋଇ ରହିଥିବା କଲିକତାବାସୀ ଓଡ଼ିଆମାନେ ଗୋପବନ୍ଧୁଙ୍କ ପ୍ରେରଣା ଓ ନେତୃତ୍ୱରେ ବହୁ ଅସାଧ୍ୟଜାତୀୟ କାର୍ଯ୍ୟ ସାଧନ କରିପାରିଥିଲେ ।

୨. ଗୋପବନ୍ଧୁଙ୍କ ଭିତରେ ସବୁବେଳେ ଓଡ଼ିଆ ଜାତି ଉଚ୍ଚସ୍ଥାନ ପାଇଥିଲା । ତାଙ୍କ ଆଖିରେ ଓଡ଼ିଶାର ମାଟି, ଗୋଡ଼ି, ବୃକ୍ଷଲତା, ମଣିଷ, ମନ୍ଦିର ଅନୁଷ୍ଠାନ ସବୁ ପବିତ୍ର । ଓଡ଼ିଆଭାଷା, ଓଡ଼ିଶାର ଇତିହାସ, ଓଡ଼ିଆ ସଂସ୍କୃତି, ଦେଉଳର କାରିଗରି, ଶିଳ୍ପକଳା, ଓଡ଼ିଆ ଗାଁର ଜୀବନ, ଘରକରଣା, ଘଷଣା, ମାନମର୍ଯ୍ୟାଦା, ଚଳଣି, ନୀତିନୀତି ତାଙ୍କର ଥିଲା ପ୍ରାଣ-

ଠାରୁ ପ୍ରିୟ । ଓଡ଼ିଆ ଜାତିର ଗୌରବ ରକ୍ଷା କରିଥିବା ଖଣ୍ଡାୟତମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଥିଲା ଅସୀମ । 

୩. ନଳିନୀ—ପଦ୍ମଲତା, ପଦ୍ମପତ୍ର, ପଦ୍ମଫୁଲ, ପଦ୍ମିନୀଜାତୀୟା ସ୍ତ୍ରୀ, ପୁଷ୍କରିଣୀ

ଅର୍ଥ—ମାନେ, ଟଙ୍କାପଇସା, ମହତ୍ତ୍ୱ

କର—ଖଜଣା, ହାତ, କିରଣ, କାର୍ଯ୍ୟ କରିବା ପାଇଁ ଆଦେଶାତ୍ମକ କ୍ରିୟା, ସଂଜ୍ଞାବିଶେଷ

ପାଣି—ହାତ, ଜଳ, ସଂଜ୍ଞାବିଶେଷ

୪. (କ) ଦଶାନନ (ଖ) ବନଜ (ଗ) ତୁଷାରଧବଳ (ଘ) ପୁରୁଷୋତ୍ତମ (ଙ) ନୀଳାମ୍ବର (ଚ) ମଧୁପ (ଛ) ରାଜପୁତ୍ର (ଜ) କ୍ଷଣସ୍ଥାୟୀ (ଝ) ତ୍ରିବେଣୀ

## ୧୨.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ଗୋପବନ୍ଧୁ କଲିକତାବାସୀ ଓଡ଼ିଆଙ୍କ ଭିତରେ କିପରି ଏକତା ଆଣିଥିଲେ ?

୨. ନାଗପୁର କଂଗ୍ରେସ ଅଧିବେଶନରୁ ଫେରିବା ପରେ ଗୋପବନ୍ଧୁଙ୍କ ଉତ୍କଳ ସମ୍ମିଳନୀ କାର୍ଯ୍ୟକ୍ରମ କି ମୋଡ଼ ନେଇଥିଲା ?

୩. ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ପ୍ରସାର ପାଇଁ ଗୋପବନ୍ଧୁ କି ଭୂମିକା ଗ୍ରହଣ କରିଥିଲେ ?

୪. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କରନ୍ତୁ ।

ଜାଗତିଆର, ଉଦ୍ଦୁଙ୍କେଇ, ଉନ୍ମାଦନା, ନିଉଛାଳି, ଲୋକାରଣ୍ୟ, ପଟୁଆର, ପ୍ରାୟଶ୍ଚିତ, ବୃତ୍ତାନ୍ତ ।

୫. 'କ' ସ୍ତମ୍ଭରେ ଥିବା ଶବ୍ଦର ପ୍ରତି ଶବ୍ଦ 'ଖ' ସ୍ତମ୍ଭରୁ ବାଛନ୍ତୁ—

| (କ) | (ଖ) |
|---|---|
| ଘର | ଖବଡ଼ା |
| ଲୁଗା | ପତ୍ର |
| ଚିଠି | ଦ୍ୱାର |
| ବାସନ | ପଣା |
| ଖଣ୍ଡିଆ | ପଟା |
| ପିଠା | କୁସନ |

୬. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ୧୦ଟି ଶବ୍ଦ ମଧ୍ୟରେ ଦିଅନ୍ତୁ ।

ରମ ବାରିକ କିଏ ? ତାଙ୍କର ଗୋପବନ୍ଧୁ ଦାସଙ୍କ ସହିତ କି ସମ୍ପର୍କ ଥିଲା ?

୭. ନିମ୍ନଲିଖିତ ଗଦ୍ୟାଂଶଗୁଡ଼ିକର ପ୍ରସଙ୍ଗ ନିର୍ଦ୍ଦେଶପୂର୍ବକ ସରଳାର୍ଥ ଲେଖନ୍ତୁ ।

(କ) "ନାରାୟଣ ଦାସ ବିଷୟୀ ଲୋକ, ମହାଜନ ଓ ଗାଁ ମାମଲତକାର ଥିଲେ । ତେଣୁ ତାଙ୍କ ବାଟ ଓ ଦାସେଆପଣଙ୍କ ବାଟ ଭିନେ ।"

(ଖ) "ସେ ଦେଶ ଗୋଟାକରେ ଆପଣାର ରକ୍ତ ସମ୍ପର୍କଠୁଁ ବଳୀ ଜାତିଧର୍ମ ନିର୍ବିଶେଷରେ ସମସ୍ତଙ୍କର ପରମ ଆତ୍ମୀୟ । ତାହା ଭିତରେ ଜ୍ଞାତି କୁଟୁମ୍ବ ବିଷୟର ମନେପଡ଼େ ନାହିଁ । ତଥାପି ସେ ବି ତ ଗୋଟିଏ ପରିବାରରେ ଜନ୍ମ ହୋଇଥିଲେ, ଗୋଟିଏ ପରିବାରରେ ବିଭା ହୋଇଥିଲେ.........।"